# ବଲରା ସେବାଶ୍ରମ ସ୍କୁଲର ବାର୍ଷିକୋତ୍ସବ



**ଗମ୍ଭାରୀପଦା/କାକଟପୁର,୪।୪ (ସମିସ)**:କାକଟପୁର ବ୍ଲକ ଶିକ୍ଷା ବିଭାଗ ଅଧିନରେ ଥିବା ଓଡିଶା ସରକାରଙ୍କ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ତଥା ସଂଖ୍ୟା ଲଘୁ ଓ ପଛୁଆ ବର୍ଗ ଉନ୍ନୟନ ଦ୍ୱାରା ପରିଚାଳିତ ବଲରା ସେବାଶ୍ରମ ସ୍କୁଲର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସରଳା ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ପୁରୀ ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, ମୁଖ୍ୟବକ୍ତା ବ୍ଲକ ଶିକ୍ଷାଧିକାରୀ ଦିଲିପ କୁମାର ଜେନା, ସମ୍ମାନିତ ଅତିଥି ବ୍ଲକ ସହ ଶିକ୍ଷାଧିକାରୀ ସୁଶ୍ରୀ ପଙ୍କଜିନୀ ଦେଇ,ଅବସର ପ୍ରାପ୍ତ ଶିକ୍ଷକ ବିପିନି ବିହାରୀ ଦାସ, ସ୍କୁଲ ପରିଚାଳନା କମିଟି ସଭାପତି ଗୌତମ କାଣ୍ଡି ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଗଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରଂଜିତ୍ କୁମାର ନାୟକ ସଭା ପରିଚାଳନା କରିଥିଲେ।୫ଟି ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ଓ ୨୩-୨୪ଶିକ୍ଷା ବର୍ଷର ଆଦର୍ଶ ଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସହକାରୀ ଶିକ୍ଷକ ସୂର୍ଯ୍ୟକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

■ **କାର୍ ଧକ୍କାରେ ଯୁବକଙ୍କ ମୃତ୍ୟୁ**

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ



**ନିମାପଡା,୪।୪(ସମିସ)** ନିମାପଡା-କୋଣାର୍କ ରାସ୍ତାର ଧିରପୁର ଛକ ନିକଟରେ ଗୁରୁବାର ଅପରାହ୍ନରେ ଏକ କାର୍ ଧକ୍କାରେ ଜଣେ ଯୁବକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତକ ଯୁବକ ଜଣକ ନିମାପଡା ଥାନା ଅନ୍ତର୍ଗତ ବିଷ୍ଣୁପୁର କରଞ୍ଜିସାହିର ପ୍ରଭାତ କୁମାର ସ୍ୱାଇଁ(୩୫)। ଖବରରୁ ଜଣାଯାଇଛି ପ୍ରଭାତ ଗୋପରୁ ଏକ ବାଇକ୍‌ରେ ନିଜ ଘରକୁ ଫେରୁଥିବା ବେଳେ ଧିରପୁର ଛକ ନିକଟରେ ବିପରିତ ଦିଗରୁ ଦ୍ରୁତ ଗତିରେ ଯାଉଥିବା କାର ନଂ ଓଡି ୦୨ବିଜେଡ ୯ ୯୧୭ ସହିତ ଧକ୍କା ହୋଇଥିଲା। ଫଳରେ ଘଟଣା ସ୍ଥଳରେ ପ୍ରଭାତଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଦୁର୍ଘଟଣାରେ କାର୍‌ର ଆଗ ସଂପୂର୍ଣ୍ଣ ଚୂରମାର ହୋଇଯାଇଛି। ଦୁର୍ଘଟଣା ଘଟିବା ପରେ କାର୍ ଚାଳକ ଫେରାର ହୋଇଯାଇଛି। କ୍ଷତିପୂରଣ ଦାବିରେ ମୃତକଙ୍କ ସଂପର୍କୀୟ ଏବଂ ସ୍ଥାନୀୟ ଲୋକମାନେ ଦୁର୍ଘଟଣାସ୍ଥଳରେ ରାସ୍ତା ଅବରୋଧ କରିଥିଲେ। ଖବରପାଇ ନିମାପଡା ଥାନା ଆଇଆଇସି ବାମଦେବ ସ୍ୱାଇଁ ସଦଳବଳେ ପହଁଞ୍ଚି ଉତ୍ୟକ୍ତ ଲୋକଙ୍କ ସହିତ ବୁଝାସୁଝା ଚଳାଇଛନ୍ତି।

# ଦୁଇ ୱାରେଣ୍ଟି ଗିରଫ

ଚାରିଛକ,୪।୪(ସମିସ):ଚାରିଛକ ପୁଲିସ ୨ଜଣ ୱାରେଣ୍ଟିକୁ ଗିରଫ କରି କୋର୍ଟ ଚାଲଣ କରିଥିବା ଜଣାପଡିଛି । ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ବାହାରଣା ପଂଚାୟତ ତେନ୍ତୁଳି ଗାଁ ଗ୍ରାମର ଶରତ ନାୟକ ଓ କଦଳୀବାରି ଗ୍ରାମର ହରିହର ମେକାପ । ଗତ ୨୦୦୪ ମସିହାରେ ଜମିବାଡି ବିବାଦକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ସହ ମାରପିଟ ହୋଇଥିଲେ। ଏନେଇ ଥାନାରେ ସେମାନଙ୍କ ବିରୋଧରେ ଅଭିଯୋଗ ହୋଇଥିଲା । ଅଭିଯୋଗପରେ ପୁଲିସ ସେମାନଙ୍କ ବିରୋଧରେ ୧୨୦/୨୦୦୪ରେ ମାମଲ ରୁଜୁକରି ତଦନ୍ତ ଚାଲୁରଖିଥିଲା । ସେହି ଦିନ ଠାରୁ ଉଭୟେ ଫେରାର ରହିଥିଲେ। ସେମାନେ ଘରେ ଥିବା ପୁଲିସ ଖବର ପାଇ ଥାନା ଏସ୍‌ଆଇ ସ୍ୱପ୍ନେଶ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ସେମାନଙ୍କ ଘର ଉପରେ ଚଢ଼ଉ କରି ଉଭୟଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି।

# ବନ୍ଧୁକ ଦେଖାଇ ଲୁଟି ନେଲେ ୨୫ ଲକ୍ଷର ସୁନା ଗହଣା

**ଡେଲାଙ୍ଗ,୪।୪(ସମିସ)**: ଡେଲାଙ୍ଗ ଷ୍ଟେସନ ବଜାରସ୍ଥିତ ଜଣକ ଘର ଆଗରୁ ବୁଧବାର ବନ୍ଧୁକ ଦେଖାଇ ୨୫ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଘଟଣା ମୁତାବକ ଡେଲାଙ୍ଗ ଷ୍ଟେସନ ବଜାରରେ ଥିବା ପ୍ରଶାନ୍ତ କୁମାର ମହାପାତ୍ର(୪୧)ଙ୍କ ଅଳଙ୍କାର ଦୋକାନ ଠାରୁ ଉଦୟପୁର ରାସ୍ତାର ମାତ୍ର ଶହେ ମିଟର ଦୂରରେ ତାଙ୍କ ଘର। ତେଣୁ ସୁରକ୍ଷା ଦୃଷ୍ଟିରୁ ପ୍ରତିଦିନ ପ୍ରଶାନ୍ତ ଦୋକାନ ବନ୍ଦ କରିବା ବେଳେ ଦୋକାନରେ ଥିବା ସୁନା ଓ ଅନ୍ୟାନ୍ୟ ଅଳଙ୍କାର ଗୁଡିକୁ ଗୋଟିଏ ବ୍ୟାଗରେ ରଖି ଘରକୁ ନେଇଯାନ୍ତି। ତେବେ ସବୁଦିନ ଭଳି ବୁଧବାର ରାତି ପ୍ରାୟ ୮.୩୦ ସମୟରେ ପ୍ରଶାନ୍ତ ସବୁ ଗହଣା ଅଳଙ୍କାର ଗୋଟିଏ ବ୍ୟାଗରେ ରଖି ନିଜ ପଲସର ଗାଡି ହ୍ୟାଣ୍ଡେଲରେ ଟଙ୍ଗାଇ ଘରକୁ ଫେରିଥିଲେ। ଘର ପଛପଟ ରାସ୍ତା କଡରେ ଜଣେ ବାଇକ ଷ୍ଟାର୍ଟ କରି ରଖିଥିବା ଦେଖି ନିଜ ଗାଡିକୁ ଅଟକାଇବା ବେଳକୁ ହଠାତ୍ ଜଣେ ଦୁର୍ବୃତ୍ତ ପଛପଟୁ ଆସି ତାଙ୍କ ମୁହଁକୁ ଚାପି ଧରି ମୁଣ୍ଡରେ ବନ୍ଧୁକ ଲଗାଇ କହିଲା ପାଟି କଲେ ଫୁଟାଇ ଦେବି। ସେହିପରି ପୂର୍ବରୁ ଲୁଚି ରହିଥିବା ଆଉ ଦୁଇଜଣ ଦୁର୍ବୃତ୍ତ ତାଙ୍କ ଗହଣା ବ୍ୟାଗ ଓ ଗାଡିଚାବି ଛଡାଇ ନେବା ସହିତ ତାଙ୍କୁ ଧକାମାରି ତଳେ ପକାଇ ଚମ୍ପଟ ମାରିଥିଲେ। ଗହଣା ବ୍ୟାଗରେ ୩ଶହ ଗ୍ରାମ ସୁନା ଓ ୬କିଲୋ ରୂପା ଥିବା ଓ ତାହାର ଆନୁମାନିକ ମୂଲ୍ୟ ୨୫ଲକ୍ଷ ଟଙ୍କାରୁ ଉଦ୍ଧ୍ୱର୍ ହେବ ବୋଲି ପ୍ରଶାନ୍ତ ଡେଲାଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୁଲିସ ମାମଲା ରୁଜୁ କରିବା ସହିତ ଆଖପାଖର ସିସିଟିଭି ଫୁଟେଜ ଛାନଭିନ ଆରମ୍ଭ କରିଛି। ସେହି ରାସ୍ତା ଦେଇ ଉଦୟପୁର , ବେରବୋଇ ସ୍ୱାଇଁ ସାହି, ମଣିଜିପୁର, ବୋଳକଣା ଓ ବରକେରା ପ୍ରମୁଖ ଗ୍ରାମଦେଇ ୩ ବାଇକରେ ୬ଜଣ ଯୁବକ ଦ୍ରୁତଗତିରେ ଯାଉଥିବା ସ୍ଥାନୀୟ ଲୋକମାନଙ୍କ ଠାରୁ ପୁଲିସ ଜାଣିବାକୁ ପାଇଛି। ଡେଲାଙ୍ଗ ଥାନାଠାରୁ ମାତ୍ର ୩ଶହ ମିଟର ଦୂରରେ ଏଭଳି ଲୁଟ ହେବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ପୁଲିସ ପାଟ୍ରୋଲିଂ କଡାକଡି କରିବାକୁ ଦାବି ହୋଇଛି।

# ଆଇସିଏଆର୍-ସିଫାର ବାର୍ଷିକ ଉତ୍ସବ ପାଳିତ



**ପିପିଲି,୪।୪(ସମିସ)** ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଦ୍ୱାରା ପରିଚାଳିତ କେନ୍ଦ୍ରୀୟ ମଧୁର ଜଳ ଜୀବପାଳନ ଅନୁସନ୍ଧାନ ସଂସ୍ଥା (ସିଫା)ର ବାର୍ଷିକ ଉତ୍ସବ କୌଶଲ୍ୟାଗଙ୍ଗ ସ୍ଥିତ ମୁଖ୍ୟାଳୟ ଠାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କୋଲକାତାସ୍ଥିତ ଜୁଲୋଜିକାଲ ସର୍ଭେ ଅଫ ଇଣ୍ଡିଆର ନିର୍ଦ୍ଦେଶକ ଡଃ ଧ୍ରୀତି ବାନାର୍ଜୀ ଯୋଗଦାନ କରିଥିବାବେଳେ ଜାତୀୟ ଧାନ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡଃ ଅମରେଶ କୁମାର ନାୟକ ଓ ଜୀବବିଜ୍ଞାନ ସଂସ୍ଥାର ନିର୍ଦ୍ଦେଶକ ଡଃ ଦେବାଶିଷ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଡଃ ଧ୍ରୀତି ଅଭିଭାଷଣରେ ପ୍ରକୃତିକୁ ରକ୍ଷା କଲେ ମାନବ ସମାଜ ଦୀର୍ଘଜୀବି ହେବ ବୋଲି କହିଥିଲେ। ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ ଦ୍ୱାରା ପ୍ରତିବର୍ଷ ପ୍ରାୟ ତିନି ଶହ ପ୍ରଜାତିର ନୂତନ ପ୍ରାଣୀକୁ ଚିହ୍ନଟ କରାଯାଉଛି। ନିକଟରେ ଦୀଘାରୁ ଏକ ନୂଆ ପ୍ରଜାତିର ମାଛ ଆବିଷ୍କୃତ ହୋଇଛି। ଏହି ଅବସରରେ ଜୁଲୋଜିକାଲ ସର୍ଭେ ଅଫ ଇଣ୍ଡିଆ ଏବଂ ଆଇସିଏଆର୍-ସିଫା ମଧ୍ୟରେ ମିଳିତ ଗବେଷଣା ପାଇଁ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିବା ଡଃ ବାନାର୍ଜୀ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଜାତୀୟ ଧାନ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡଃ ଅମରେଶ କୁମାର ନାୟକ ମତ୍ସ୍ୟ ବିଜ୍ଞାନ କ୍ଷେତ୍ରକୁ ସିଫାର ଅବଦାନ ସଂପର୍କରେ ଅବତାରଣା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ତଥା ଜୀବବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ଡଃ ଦେବାଶିଷ ଦାଶ ସିଫା ଓ ଆଇଏଲ୍‌ଏସ୍ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଗବେଷଣା ସହଯୋଗ ଚାଲୁ ରହିଥିବା ପ୍ରକାଶ କରିଥିଲେ। ପ୍ରାରମ୍ଭରେ ସିଫାର ନିର୍ଦ୍ଦେଶକ ଡଃ ପି. କେ. ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ସିଫାର ବିଭିନ୍ନ କୃତୀତ୍ୱ ସଂପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଅତିଥିମାନେ ସିଫା ଦ୍ୱାରା ପ୍ରକାଶିତ ୯ଟି ପତ୍ରିକାର ଉନ୍ମୋଚନ କରିଥିଲେ । ଏହି ପରିପ୍ରେକ୍ଷୀରେ ଶ୍ରୀମତୀ ଏସ୍. ଶୁଶିଳାମା ସ୍ମୃତି ପୁରସ୍କାର, ଡଃ ଗିରିଶ ଚନ୍ଦ୍ର ଚୌଧୁରୀ ସ୍ମୃତି ପୁରସ୍କାର, ଡଃ ଟି. ରାମ ପ୍ରଭୁ ସ୍ମୃତି ପୁରସ୍କାର, ଡଃ ବି. ଆର୍. ମହାନ୍ତି ସ୍ମୃତି ପୁରସ୍କାରର ବିଜେତାଙ୍କୁ ସମ୍ମାନିତ କରାଯାଇଥିଲା। ଭୁବନେଶ୍ୱର ଓ ଆଖପାଖରେ ଥିବା ଆଇସିଏଆର୍ ସଂସ୍ଥା ଯଥା ଏନ୍‌ଆର୍‌ଆର୍‌ଆଇ ଓସିୱାର ନିର୍ଦ୍ଦେଶକ ଏବଂ ଏନ୍‌ଏଫ୍‌ଡିବିର ପ୍ରତିନିଧିମାନେ ଯୋଗଦାନ କରିଥିଲେ। ଏହି ଉତ୍ସବରେ ସିଫାର ଅବସରପ୍ରାପ୍ତ କର୍ମଚାରୀମାନେ ଯୋଗଦାନ କରିଥିଲେ। ଏହି ଅବସରରେ ମତ୍ସ୍ୟ ଅନୁବଂଶୀୟ ବିଭାଗୀୟ ମୁଖ୍ୟ ଡଃ ଜେ. କେ. ସୁନ୍ଦରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# କାଦୁଆ ନଦୀରୁ କଟିକି ଦଳ ସଫା ଦାବି



**ନୟାହାଟ,୪।୪(ସମିସ)**: କାଦୁଅ ନଦୀର କଣ୍ଟି ଗ୍ରାମର ପୋଲ ଠାରୁ ପ୍ରାୟ ୨ କିଲୋମିଟର ପର୍ଯ୍ୟନ୍ତ କଟିକି ଦଳ ଭର୍ତ୍ତି ହୋଇରହିବା ଫଳରେ ପାଣି ନିଷ୍କାସନ ହୋଇ ପାରୁନାହିଁ। ଯାହାଫଳରେ କାଦୁଆ ନଦୀ କୂଳରେ ଥିବା ଚାଷ ଜମି ପାଣି ପମ୍ପ ଦ୍ୱାରା ଚାଷ ଜମିକୁ ଜଳ ଯୋଗାଣରେ ବାଧା ସୃଷ୍ଟି ହୋଇଛି। କଟିକି ଦଳ ସଫା ନହେବାରୁ ଦଳ ମାଡି ମାଟି କ୍ଷୟ ହେବା ପୋତି ହେବା ସହ ନଦୀରେ ମାଛ ମରିଯାଉଛନ୍ତି । ସେହିଭଳି ଦୁର୍ଗନ୍ଧ ପାଣି ଛେଳି ,ଗାଈ ବାଛୁରୀ ପିବାରୁ ବିଭିନ୍ନ ପ୍ରକାର ପେଟ ରୋଗରେ ପଡୁଥିବା ଦେଖାଯାଉଛି। କାଦୁଅନଦୀରୁ ତୁରନ୍ତ ଦଳ ସଫା କରିବା ପାଇଁ କଣ୍ଟି ଗ୍ରାମର ପ୍ରକାଶ ସ୍ୱାଇଁ ,ପ୍ରଫୁଲ ନାୟକ ପ୍ରମୁଖ ଦାବି କରିଛନ୍ତି।

# ନୟାହାଟ ଅଞ୍ଚଳରେ ପୁଲିସ ପକ୍ଷରୁ ପାଟ୍ରୋଲିଂ କଡାକଡି

**ନୟାହାଟ,୪।୪(ସମିସ)**: ନୟାହାଟ ଅଞ୍ଚଳରେ ରାତ୍ରକାଳୀନ ପାଟ୍ରୋଲିଂ ନହେବାରୁ ଘନଘନ ଚୋରି ହେବା ସହ ଲୁଟେରାମାନଙ୍କ ପାଇଁ ପୁଷମାସ ପାଲଟିଛି। ବର୍ଷକ ମଧ୍ୟରେ ୧୦ରୁ ଉଦ୍ଧ୍ୱର୍ ଚୋରି ହେବା ଲୁଟେରାଙ୍କୁ ଧରିବାବରେ ପୁଲିସ ବିଫଳ ହୋଇଛି। ସିଙ୍ଗିପାନିଆ ଗ୍ରାମର ବୁଲି ସାହୁଙ୍କ ବାଇକ୍ , ଗଡ଼ନିପାଣିଆ ଗ୍ରାମର ଲୋକନାଥ ରାୟଙ୍କ ୫ଟି ଛେଳି ଚୋରି ହେବା,ପେଟ୍ରୋଲ ଟାଙ୍କି ନିକଟସ୍ଥ ଏକ ପାନ ଦୋକାନରୁ ନଗଦ ୭ ସହ ଟଙ୍କା ବିଭିନ୍ନ ସାମଗ୍ରୀ ଲୁଟି ନେଇଥିଲେ। ସେହିପରି ନୟାହାଟ ବଜାର ସଭାପତି ଫକୀର ବାରିକଙ୍କ ଦୋକାନ ତାଲା ଭାଙ୍ଗି ଦୁଇଟି ବେଟ୍ରି ଓ ଇନଭୋଟରର ଚୋରି ହୋଇଥିବା ବେଳେ ଯୋଗେଶ୍ୱରପୁର ବଜାରରୁ ଦୁଇଟି ଜଳଖିଆ ଦୋକାନ ତାଲା ଭାଙ୍ଗି ୬ ଗ୍ୟାସ ସିଲିଣ୍ଡର ଓ ନଗଦ ଟଙ୍କା ଚୋରି ହେବା ବିଷୟରେ ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଏ ବିଷୟରେ ନୟାହାଟ ଫାଣ୍ଡି ଅଧିକାରୀ କୁନାଲ କୁମାରକୁ ପଚାରିବାରେ ରାତ୍ର କାଳୀନ ପାଟ୍ରୋଲିଂ ପାଇଁ ଗାଡି ନ ଥିବା ବେଳେ ଆଶ୍ୟକତା କର୍ମଚାରୀ ନଥିବା ଦର୍ଶାଇ ଏଡାଇଥିଲେ। ନୟାହାଟ ଅଞ୍ଚଳର କେତେକ ଜନସାଧାରଣ ନିମାପଡ଼ା ଡିଏସ୍‌ପିଙ୍କୁ ସମସ୍ୟା ବିଷୟରେ କହିବା ପରେ ଡ଼ିଏସପି ଗୋପ ଥାନାରୁ ଏଏସଆଇ ସନ୍ତୋଷ କୁମାର ସାହୁଙ୍କୁ ନୟା ହାଟ ଫାଣ୍ଡିଙ୍କୁ ପଠାଇ ପାଟ୍ରୋଲିଂ ବ୍ୟବସ୍ଥା କଡାକଡ଼ି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।ଶ୍ରୀ ସାହୁ ନୟାହାଟ ଫାଣ୍ଡିରେ ପହଞ୍ଚି ନୟାହାଟ ଅଞ୍ଚଳରେ ପଲି, ଜହ୍ନିମାଲିଆ ,ଓଟର ,ଯୋଗେଶ୍ୱରପୁର ,ପାଣିଛତ୍ର ପ୍ରମୁଖ ଛକମାନଙ୍କରେ ପାଟ୍ରୋଲିଂ କରିବା ଫଳରେ ଲୁଟେରାମାନେ ଭୟଭିତ ହୋଇପଡିଛନ୍ତି।

# ନିମାପଡ଼ାରେ ବିଜେପି ସଂଗଠନ ଫାଲଫାଲ

**ନିମାପଡ଼ା/ଭୁବନେଶ୍ୱର, ୪।୪(ସମିସ)**: ପୁରୀ ଜିଲ୍ଲା ଅନ୍ତର୍ଗତ ନିମାପଡ଼ା ନିର୍ବାଚନମଣ୍ଡଳୀରେ ବିଜେପିରେ ସୃଷ୍ଟ ଅସନ୍ତୋଷ ତୀବ୍ର ରୂପ ଧାରଣ କରିଛି। ଦଳରୁ ଇସ୍ତଫା ଦେଇଥିବା ଦିଲ୍ଲୀପ ନାୟକ ଓ ତାଙ୍କର ସମର୍ଥକ, ଶତାଧିକ ବିଜେପି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଆଜି ବିଜେଡିରେ ଯୋଗ ଦେଇଛନ୍ତି। ଶଙ୍ଖଭବନ ଠାରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସମୀର ଦାସ ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ସେମାନଙ୍କୁ ଦଳରେ ସ୍ୱାଗତ କରିଛନ୍ତି। ଦିନକୁ ଦିନ ସମଗ୍ର ରାଜ୍ୟରେ ବିଜେଡିର ଶକ୍ତି ବୃଦ୍ଧି ହେଉଥିବା ବେଳେ ଆଜି ଶ୍ରୀ ନାୟକଙ୍କ ଯୋଗଦାନ ପୁରୀ ଜିଲ୍ଲା ବିଶେଷକରି ନିମାପଡ଼ାରେ ଦଳର ସଂଗଠନକୁ ଆହୁରି ମଜବୁତ କରିବ ବୋଲି ଶ୍ରୀ ଦାସ ଓ ଡ଼ ପାତ୍ର ମତପ୍ରକାଶ କରିଛନ୍ତି।



**ସମର୍ଥକଙ୍କ ସହ ବିଜେଡିରେ ଯୋଗ ଦେଲେ ଦିଲ୍ଲୀପ**

ବିଜେଡିରେ ଯୋଗଦାନ ପରେ ଶ୍ରୀ ନାୟକ କହିଛନ୍ତି ଯେ ପ୍ରତିକ୍ରିୟାରେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସଭାପତି ନବୀନ ପଟ୍ଟନାୟକ ହେଉଛନ୍ତି ଓଡ଼ିଶାର ସର୍ବମାନ୍ୟ ନେତା। ଓଡ଼ିଶାର ବିକାଶ ଓ ଲୋକଙ୍କ ସେବା ହିଁ ତାଙ୍କ ରାଜନୀତିର ଆଭିମୁଖ୍ୟ। ମୁଖ୍ୟମନ୍ତ୍ରୀ ସମଗ୍ର ଦେଶରେ ନୂଆ ଉଦାହରଣ ସୃଷ୍ଟି କରିଛନ୍ତି। ତାଙ୍କର ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛି। ନୂତନ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି। ଦଳରେ ମୋତେ ଏବଂ ମୋ ସହ ଯୋଗ ଦେଇଥିବା ସମସ୍ତ ବିଜେପି କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ବୋଲି ସେ କହିଛନ୍ତି। ଶ୍ରୀ ନାୟକଙ୍କ ସହ ଗୋପ ବ୍ଲକ ପୂର୍ବତନ ଉପାଧକ୍ଷ ନିରଞ୍ଜନ ମହାପାତ୍ର, ପୂର୍ବତନ ସମିତି ସଭ୍ୟ ପ୍ରତାପ ସ୍ୱାଇଁ, ଚିତ୍ତରଞ୍ଜନ ପାତ୍ର, ସମିତିସଭ୍ୟ ପୂଜାରାଣୀ ମହାପାତ୍ର, ଲକିବାଳା ନାୟକ, ସରପଞ୍ଚ ଅଜୟ ପରିଡ଼ା, ପୂର୍ବତନ ସରପଞ୍ଚ ଗଦାଧର ସାମନ୍ତରାୟ, ନିମାପଡ଼ା ମଣ୍ଡଳ ସଭାପତି ମାନସ ପ୍ରଧାନ, ପୂର୍ବତନ ନିମାପଡ଼ା ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ପୂର୍ବତନ ନିମାପଡ଼ା ଏନ୍‌ଏସି ଅଧକ୍ଷ ଅଜୟ କୁମାର ଭୋଇଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡ଼ିରେ ସାମିଲ ହୋଇଛନ୍ତି। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଛନ୍ତି।

# ଗାନ୍ଧି ସ୍ମୃତିପୀଠରେ ଗାନ୍ଧି ସ୍ମାରକୀ ସମ୍ମିଳନୀ

**ଡେଲାଙ୍ଗ,୪।୪(ସମିସ)**: ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ଅଧିନ ବେରବୋଇ ସ୍ଥିତ ଗାନ୍ଧି ସ୍ମୃତିପୀଠ ପରିସରରେ ଗାନ୍ଧି ସ୍ମାରକୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧି ସ୍ମାରକୀ ସେବା ସଂଘ ସଭାପତି କୁନ୍ତଳା କୁମାରୀ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀକୁ ଅରୁନ୍ଧତୀ ଦେବୀ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦ୍‌ଘାଟନ କରିଥିବା ବେଳେ ବିଶିଷ୍ଟ ଗାନ୍ଧିବାଦୀ ଲେଖକ ଗୌରାଙ୍ଗ ଚରଣ ପରିଡା, ପ୍ରଫେସର ଜ୍ଞାନଦେବ ପରିଡା, ବିରୁପାକ୍ଷ ତ୍ରୀପାଠୀ, ପଣ୍ଡିତ ପ୍ରବୋଧ କୁମାର ମିଶ୍ର, ପ୍ରହଲ୍ଲାଦ ସିଂହ, ଆଇନଜୀବି ନିଶିକାନ୍ତ ମିଶ୍ର, ସଂସ୍କୃତିପ୍ରେମୀ ଶିକ୍ଷକ ଅଭୟ ଚରଣ ସାହୁ ପ୍ରମୁଖ ଯୋଗ ଦେଇ ଗାନ୍ଧିଜୀଙ୍କ ସାଧାରଣ ଜୀବନି ଶୈଳୀ ଓ ଜନସେବା ମନୋଭାବ ପାଇଁ ସେ ଜାତୀର ପିତା ହୋଇପାରିଥିବା ଓ ଆଜିର ଯୁବପୀଢି ଗାନ୍ଧିଜୀଙ୍କ ପଥରେ ଚାଲିବା ସମ୍ପର୍କରେ ଆଲୋକପାତ କରିଥିଲେ। ସମସ୍ତ ଅତିଥିମାନେ ଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଗାନ୍ଧିଜୀ ଡେଲାଙ୍ଗ ମାଟିରେ ୧୯୩୮ ମସିହା ମାର୍ଚ୍ଚ ମାସ ୨୫ ତାରିଖ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୭ଦିନ ରହିବା ସହିତ ଦେଶ ସ୍ୱାଧୀନ ନିମନ୍ତେ ଅଞ୍ଚଳବାସୀଙ୍କୁ ଦେଇଥିବା ଗୁରୁମନ୍ତ୍ର ବିଷୟରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପୂର୍ଣ୍ଣଚନ୍ଦ୍ର ପଣ୍ଡା ସ୍ମୃତି ସମ୍ମାନ ଟ୍ରଫି ଓ ଅର୍ଥରାଶି (୩ ହଜାର) ରାଧାକାନ୍ତ ବିଦ୍ୟାପୀଠର କୃତି ଛାତ୍ରୀ ମମତା ସ୍ୱାଇଁଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ଭଦ୍ରକ ଜିଲ୍ଲାର ସ୍ୱାଧିନତା ସଂଗ୍ରାମୀ ମୟାଧର ଦାସ, ମୁରଲିଧର ମହାଲିକ, ନିରାକାର ବାରିକ ଓ ଦେଶପାଇଁ ଜୀବନ ଦେଇଥିବା ସହୀଦ ପରିବାର ସଦଶ୍ୟ ଜଗବନ୍ଧୁ ମାଝୀ ଓ ରମାକାନ୍ତ ପାଣିଗ୍ରାହୀଙ୍କୁ ଅତିଥିମାନେ ଗାନ୍ଧିସୂତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜଣାଇଥିଲେ। ଅନୁଷ୍ଠାନର ସମ୍ପାଦକ ଚନ୍ଦ୍ରଶେଖର ବିଶ୍ୱାଳ ସମ୍ପାଦକୀୟ ବୀବରଣୀ ପାଠ କରିଥିଲେ।








# ନୂଆଗାଁରେ ପଞ୍ଚଶମ୍ଭୁ ମହାମିଳନ

**କୃଷ୍ଣପ୍ରସାଦ,୪।୪(ସମିସ)**: ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ତିତିପ ପଞ୍ଚାୟତର ନୂଆଗାଁ ଗ୍ରାମବାସୀଙ୍କ ସହଯୋଗରେ ପଞ୍ଚଶମ୍ଭୁ ମହାମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୁଧବାର ସକାଳ ୮ ଘଟିକା ସମୟରେ ପାରିକୁଦ ଗଡ଼ର ମୁଖ୍ୟ ଦଣ୍ଡକାଳୀ ପୀଠ ଶ୍ରୀଗାଦିଶ୍ୱର ଦେବଙ୍କ ସଭାପତିତ୍ୱରେ ଗୁରୁବାଇର ବାଙ୍କେଶ୍ୱର ଦେବ,ମାଲୁଦ ମଳେଶ୍ୱରୀର ମଳିକେଶ୍ୱର ଦେବ,ଗଙ୍ଗାଧରପୁର ଗାଦିଶ୍ୱର ଦେବ, ଗଞ୍ଜାମ ଜିଲ୍ଲା ଲଙ୍ଗଳେଶ୍ୱରର ସୂର୍ଯ୍ୟେଶ୍ୱର ଦେବ ଏକତ୍ରିତ ହୋଇଥିଲେ। ଗାଁ ଦାଣ୍ଡରେ ଘଣ୍ଟ, କାହାଳୀ ,ପାଇକ ଆଖଡା, ଚିତାକର୍ଷକ ଆତସବାଜି ପରିବେଷଣ ଓ ବିଭିନ୍ନ ପାଟ ପଟୁଆରରେ ବାହାରି ଠାକୁର ଗ୍ରାମ ପରିକ୍ରମା କରିଥିଲେ। ଭକ୍ତଙ୍କ ହରିବୋଲ, ହୁଳହୁଳି ଶବ୍ଦରେ ଗଗନ ପବନ ପ୍ରକମ୍ପିତ ହୋଇଉଠିଥିଲା। ନୂଆଗାଁ ଯୁବକ ସଂଘର ସଭ୍ୟମାନେ ଶ୍ରଦ୍ଧାଳୁଙ୍କୁ ଦହିପଣା ଦେଇ ଉତ୍ସାହିତ କରିଥିଲେ। ଦିନ ଗୋଟାଏ ସମୟରେ ଦଣ୍ଡ ଠାକୁରଙ୍କ ଭଗତାମାନେ ଧୂଳି ଦଣ୍ଡ ଖେଳିଥିଲେ। ଅପରାହ୍ନ ୪ଟା ସମୟରେ ପଞ୍ଚ ଦଣ୍ଡର ଠାକୁର ମାନଙ୍କୁ ନେଇ ଗୋଟିଏ ପୋଖରୀରେ ପାଣି ତୋଳିବା ପର୍ବ ଆରମ୍ଭ ହୋଇଥିଲା। ଭଗତାମାନେ ସୁସଜ୍ଜିତ ଟାହିଆରେ ଫୁଲ ମାଳ ଦେଇ ପୋଖରୀ ତୁଠରେ ଭୋଗ ପୂଜା ଆରମ୍ଭ କରିବା ସହ ଆଳତୀ କରିଥିଲେ। ସେଠାରୁ ଗାଁ ଦାଣ୍ଡରେ ମାନସିକଧାରୀଙ୍କୁ ହକ ଦେବା ପରେ ଭଗତା ମାନେ ପ୍ରସାଦ ସେବନ କରିବାକୁ ଯାଇଥିଲେ। ରାତ୍ର ୧୦ ଟା ୩୦ରେ ଠାକୁରମାନଙ୍କର ୨୧ ହଳ ପଟେ ଦଣ୍ଡ ନୃତ୍ୟ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଞ୍ଚଶମ୍ଭୁ ମହା ମିଳନ ନେଇ ଗ୍ରାମରେ ଉତ୍ସାହ ଦେଖିବାକୁ ମିଳିଥିଲା। ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଦିଗରେ ଗ୍ରାମର ଯୁବକ ସଂଘ ସହଯୋଗ କରିଥିଲେ।









୪/୪/୨୦୨୪ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୬୮,୯୫୭/- ସୁନା: ୦୧.୧୫୦ ଗ୍ରାମ୍ ରୁପା: ୨୭.୧୦୦ ଗ୍ରାମ୍



### ଆଇନଜୀବୀଙ୍କ ଉପରକୁ ବୋମାମାଡ଼ ଘଟଣା

# ଦୁଇ ଭାଇଙ୍କୁ ବାନ୍ଧିଲା ପୁଲିସ



ପୁରୀ, ୪।୪(ସମିସ): ପେଣ୍ଠକଟା ଥାନା ଅଧୀନ ଗୋପାଳପୁର ଛକରେ ବୁଧବାର ଆଇନଜୀବୀ ସୁବାସ ଚନ୍ଦ୍ର ସାହୁଙ୍କ ଉପରେ ହୋଇଥିବା ବୋମାମାଡ଼ ଘଟଣାରେ ପୁଲିସ ୨ ଭାଇଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଗୋପାଳପୁର ଜଗନ୍ନାଥପୁର ପାଟଣାର ଅର୍ଜୁନ ମହାରଣା ଓରଫ୍ ଅରୁ (୪୭) ଓ ବାସୁଦେବ ମହାରଣା (୫୮) ବୋଲି ଏସ୍‌ପି ପିନାକ ମିଶ୍ର କହିଛନ୍ତି। ଗୁରୁବାର ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଶ୍ରୀମିଶ୍ର କହିଛନ୍ତି, ବୋମାମାଡ଼ର ଶିକାର ସୁବାସଙ୍କ ସହିତ ତାଙ୍କ ପଡ଼ୋଶୀ ଅର୍ଥାତ୍ ଅଭିଯୁକ୍ତଙ୍କର ଆର୍ଥିକ କାରବାରକୁ ନେଇ ମତାନ୍ତର ଏବଂ ମନାନ୍ତର ଥିଲା। ପରବର୍ତ୍ତୀ ସମୟରେ ତାହା ଉଗ୍ରରୂପ ନେଇଥିଲା। ଅଭିଯୁକ୍ତଙ୍କୁ ଯେଉଁ ଟଙ୍କା ଦେଇଥିଲେ ତାହାକୁ ଫେରାଇବା ପାଇଁ ଦାବି କରିଥିଲେ ସୁବାସ। କିନ୍ତୁ ନ ଦେବାରୁ ସୁବାସ କୋର୍ଟରେ ଏକ ମକଦ୍ଦମା ରୁଜୁ କରିଥିଲେ। ସେହି ମକଦ୍ଦମା ରୁଜୁ ପରେ ଅଭିଯୁକ୍ତ ପ୍ରତିଶୋଧପରାୟଣ ହୋଇ ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲେ। ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ସାଇକେଲ ଯୋଗେ ଘରୁ କୋର୍ଟକୁ ଯାଉଥିଲେ। ଗୋପାଳପୁର ବାଲିପଡ଼ିଆ ଛକ ନିକଟରେ ତାଙ୍କୁ ଅଭିଯୁକ୍ତ ଦୁଇଜଣ ଅଟକାଇଥିଲେ। ଅଭିଯୁକ୍ତ ଅରୁ ଗୋଟିଏ ବୋମା ତାଙ୍କ ଉପରକୁ ଫିଙ୍ଗିଥିଲେ। କିନ୍ତୁ ବୋମାଟି ରାସ୍ତାରେ ପଡ଼ି ଫୁଟିଥିଲା। ଏହାପରେ ସେ ଆଉ ଗୋଟିଏ ବୋମା ତାଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଫିଙ୍ଗିଥିଲେ। ମାତ୍ର ତାଙ୍କ ଡାହାଣ ହାତ ଦେଖାଇ ବୋମାକୁ ପ୍ରତିରୋଧ କରିଥିଲେ। କିନ୍ତୁ ବୋମାଟି ଫୁଟିଯିବାରୁ ତାଙ୍କ ହାତରେ ଗଭୀର କ୍ଷତ ହୋଇଥିଲା। ପ୍ରବଳ ରକ୍ତସ୍ରାବ ହେବା ସହ ମାଂସ ଛିଣ୍ଡି ହାଡ଼ ଦେଖାଯାଇଥିଲା। ତୁରନ୍ତ ସୁବାସଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ପୁଲିସ ତାଙ୍କୁ କଟକ ଏସ୍‌ସିବି ସ୍ଥାନାନ୍ତର କରିଥିଲା। ସୁବାସଙ୍କ ପୁଅ ପ୍ରୀତିଶ ରଞ୍ଜନଙ୍କ ଅଭିଯୋଗ ମୁତାବକ ପେଣ୍ଠକଟା ପୁଲିସ ଏକ ମାମଲା(ନଂ.୨୫/୨୪) ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ବୋଲି ଏସ୍‌ପି ଶ୍ରୀ ମିଶ୍ର କହିଛନ୍ତି।

### ସରିଆସୁଛି ଶ୍ରୀମନ୍ଦିର ପରିଚାଳନା କମିଟି କାର୍ଯ୍ୟକାଳ

# ନୂଆ କମିଟିରେ ସ୍ଥାନ ପାଇଁ ଆଁ ଖୋଇଲେଣି ଆଶାୟୀ

ପୁରୀ, ୪।୪(ସମିସ)

ସରିଆସୁଛି ଶ୍ରୀମନ୍ଦିର ପରିଚାଳନା କମିଟିର ୩ ବର୍ଷିଆ କାର୍ଯ୍ୟକାଳ। ୨୦୨୧ ଅଗଷ୍ଟ ୧୨ ତାରିଖରେ ବର୍ତ୍ତମାନର ପରିଚାଳନା କମିଟି ଗଠନ କରାଯାଇଥିଲା। ତେଣୁ ଏହି କମିଟିର କାର୍ଯ୍ୟକାଳ ପୂରିବାକୁ ଆଉ ପ୍ରାୟ ୪ ମାସ ରହିଛି। ହେଲେ କମିଟିରେ ସ୍ଥାନ ପାଇବା ଲାଗି ଏବେଠାରୁ ଆଶାୟୀମାନେ ଆଁ ଖୋଇଲେଣି। ଅର୍ଥାତ୍ କମିଟି ସଦସ୍ୟ ହେବା ଲାଗି ଅନେକ ଏବେ ନିଜ ନିଜ ସ୍ତରରେ ଲବି କରିବା ଆରମ୍ଭ କଲେଣି ବୋଲି ଚର୍ଚ୍ଚା ହେଉଛି। ବିଶେଷକରି ସେବାୟତ ପ୍ରତିନିଧି ଭାବେ ସ୍ଥାନ ପାଇବା ପାଇଁ ବହୁ ଆଶାୟୀ ଉଦ୍ୟମ କରୁଥିବା ସୂଚନା ମିଳିଛି।

ଶ୍ରୀମନ୍ଦିରର ପରିଚାଳନା, ମହାପ୍ରଭୁଙ୍କ ନୀତିକାନ୍ତି, ସେବାପୂଜାର ମୁଖ୍ୟ ହେଉଛି ପରିଚାଳନା କମିଟି। କମିଟିରେ ହିଁ ନିଆଯାଇଥାଏ ସବୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି। ତେଣୁ ପରିଚାଳନା କମିଟି ଗଠନ ପୂର୍ବରୁ ସବୁଦିଗକୁ ବିଚାରକୁ ନିଆଯାଇଥାଏ। ଯଦିଓ କମିଟିକୁ ୧୦ ଜଣ ମନୋନୀତ ସଦସ୍ୟ ଯିବାର ବ୍ୟବସ୍ଥା ରହିଛି କିନ୍ତୁ ୫ ସେବାୟତଙ୍କ ପ୍ରତିନିଧିତ୍ୱକୁ ନେଇ ସବୁବେଳେ ଛକାପଞ୍ଝା ଚାଲେ। ବର୍ତ୍ତମାନ ପ୍ରଚଳିତ କମିଟିର କାର୍ଯ୍ୟକାଳ ଆଉ ୪ ମାସ ପରେ ସରିଯିବ। ଏହାପରେ ନୂଆ କମିଟି ଗଢାଯିବ। ତେବେ ଆଗାମୀ ନୂଆ କମିଟି ପାଇଁ ଏବେଠାରୁ ଆରମ୍ଭ ହେଲାଣି ଛକାପଞ୍ଝା। ତେବେ କମିଟି ଗଠନ ବେଳେ ଗୋଟିଏ କଥା ଉଠିଥାଏ। କମିଟିରେ ନିର୍ଦ୍ଦିଷ୍ଟ ୫ ନିଯୋଗରୁ କାହିଁକି ? ଅନ୍ୟ ସେବାୟତ ନିଯୋଗରୁ କାହିଁକି ସଦସ୍ୟଙ୍କୁ ନିଆଯାଉ ନାହିଁ? କିନ୍ତୁ ପୂର୍ବରୁ ଯାହା ରହିଆସିଛି ତାହାକୁ ଆଧାର କରି ସେବାୟତ ପ୍ରତିନିଧି କମିଟିରେ ସ୍ଥାନ ପାଉଥିବାରୁ ଏହି ସ୍ୱର ପୁଣି ନରମିଯାଏ।

୨୦୨୧ ମସିହାରେ କମିଟି ଗଠନ ପ୍ରାୟ ୫ ମାସ ବିଳମ୍ବ ହୋଇଥିଲା। ଏହା ପୂର୍ବ କମିଟି ୨୦୧୮ ମାର୍ଚ୍ଚ ୧୫ରେ ଗଠନ କରାଯାଇଥିବାବେଳେ ତାହାର କାର୍ଯ୍ୟକାଳ ୨୦୨୧ ମାର୍ଚ୍ଚ ୧୪ରେ ସରିଥିଲା। ହେଲେ ନୂତନ କମିଟି ଗଠନ ବିଳମ୍ବ ହେବାରେ ଲାଗିଥିଲା। ପ୍ରାୟ ୫ ମାସ ପରେ ଅଗଷ୍ଟରେ ନୂଆ କମିଟି ଗଠନ କରାଯାଇଥିଲା। କମିଟିର ମୋଟ ସଦସ୍ୟଙ୍କ ସଂଖ୍ୟା ୧୮ ରହିଥିବାବେଳେ ଏମାନଙ୍କ ମଧ୍ୟରୁ ୧୦ ଜଣ ହେଉଛନ୍ତି ମନୋନୀତ ସଦସ୍ୟ। ଯେଉଁମାନଙ୍କ ମଧ୍ୟରେ ୫ ଜଣ ସେବାୟତ ପ୍ରତିନିଧି ଥାନ୍ତି। ଗତ କମିଟିରେ ସ୍ଥାନ ପାଇଥିବା ସେବାୟତ ପ୍ରତିନିଧିଙ୍କ ମଧ୍ୟରୁ ମାଧବ ଚନ୍ଦ୍ର ପୂଜାପଣ୍ଡା, ମାଧବ ଚନ୍ଦ୍ର ମହାପାତ୍ର ଏବଂ ଅନନ୍ତ ତିଆଡ଼ି ପୁରୁଣା ମୁହଁ ହୋଇଥିବା ବେଳେ ପ୍ରଥମଥର ଲାଗି ଜଗନ୍ନାଥ କର ଏବଂ ଦୁର୍ଗାପ୍ରସାଦ ଦାସମହାପାତ୍ରଙ୍କୁ ସୁଯୋଗ ମିଳିଥିଲା। ତେବେ ଏହି କମିଟି କାର୍ଯ୍ୟକାଳ ଶେଷ ହେବାକୁ ଯାଉଥିବାରୁ ସେବାୟତ ପ୍ରତିନିଧି ଭାବେ କମିଟିରେ କିଏ ସ୍ଥାନ ପାଇବ ସେଥିଲାଗି ଆରମ୍ଭ ହୋଇଗଲାଣି ଲବି। ନିଜ ନିଜ ସ୍ତରରେ ଆଶାୟୀମାନେ ଏହି ଲବି ଆରମ୍ଭ କରିଥିବା ଶୁଣିବାକୁ ମିଳୁଛି। ୫ ସେବାୟତ ନିଯୋଗ (ପୂଜାପଣ୍ଡା, ପ୍ରତିହାରୀ, ଦଇତାପତି, ପୁଷ୍ପାଳକ ଏବଂ ସୁଆର ମହାସୁଆର) ମଧ୍ୟରୁ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ଏବେ ନିଜ ନିଜ ସ୍ତରରେ ଲବି ଆରମ୍ଭ କଲେଣି। କାହାକୁ ଧରିଲେ କମିଟିରେ ସ୍ଥାନ ପକ୍କା କରିହେବ ସେହି ସନ୍ଧାନରେ ଲାଗିପଡ଼ିଛନ୍ତି। କିଏ ଫୋନ କରି ବୁଲେଇ ବଙ୍କେଇ ଅଧିକାରୀଙ୍କ କାନରେ ସେହି କଥା ପକାଇବାକୁ ଚେଷ୍ଟା କରୁଛନ୍ତି ତ ଆଉ କେହି ପ୍ରତ୍ୟକ୍ଷ ଭାବେ ଅଧିକାରୀଙ୍କୁ ଭେଟିବା ପାଇଁ ଚାହୁଁଥିବା ଶୁଣିବାକୁ ମିଳୁଛି।



ସୂଚନାଥାଉ କି, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ସଂଖ୍ୟା ୧୮। ଏହାର ସ୍ଥାୟୀ ଅଧ୍ୟକ୍ଷ ଗଜପତି ମହାରାଜା ରହିଥିବା ବେଳେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ର୍‍ୟାଙ୍କର ଜଣେ ଅଧିକାରୀ କାର୍ଯ୍ୟକାରୀ ଅଧ୍ୟକ୍ଷ, ସଚିବ ର୍‍ୟାଙ୍କର ଜଣେ ଅଧିକାରୀ ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ ଉପମୁଖ୍ୟ ପ୍ରଶାସକ, ଆଇନ ବିଭାଗର ଅତିରିକ୍ତ ସଚିବ, ଦେବୋତ୍ତର କମିଶନର, ଏସ୍‌ପି ଏବଂ ଏଏସ୍‌ଆଇ ଅଧୀକ୍ଷଣ ଯନ୍ତ୍ରୀ କମିଟିର ସଦସ୍ୟ ରହିଥାନ୍ତି। ଏମାନଙ୍କ ବାଦ୍ ଅନ୍ୟ ୧୦ ଜଣ ହେଉଛନ୍ତି ମନୋନୀତ ସଦସ୍ୟ। ଏମାନଙ୍କ ମଧ୍ୟରେ ୫ ଜଣ ସେବାୟତ ପ୍ରତିନିଧି, ଜଣେ ମଠ ପ୍ରତିନିଧି, ଜଣେ ମୁକ୍ତିମଣ୍ଡପ ପ୍ରତିନିଧି, ଜଣେ ଚାର୍ଟାଡ ଆକାଉଣ୍ଟାଣ୍ଟ ଏବଂ ଦୁଇଜଣ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ବ୍ୟକ୍ତି ରହିଥାନ୍ତି।



ସାକ୍ଷୀଗୋପାଳ ବିଲସାହି କ୍ଷେତରେ ସୂର୍ଯ୍ୟମୁଖୀ ଚାଷ

# ପୁଲିସର ସ୍ୱତନ୍ତ୍ର ଅଭିଯାନ: ଦେଢମାସରେ ୧୪୫ ନାବାଳକ ଓ ନାବାଳିକା ଉଦ୍ଧାର

ପୁରୀ, ୪।୪(ସମିସ): ପୁରୀ ଜିଲ୍ଲାର ବିଭିନ୍ନ ଥାନାରେ ରୁଜୁ ହେଉଥିବା ନାବାଳକ ଓ ନାବାଳିକାଙ୍କ ନିଖୋଜ ମାମଲାକୁ ପୁଲିସ ଅଧିକ ଗୁରୁତର ସହ ଗ୍ରହଣ କରୁଛି। ତେଣୁ ଏଥିପାଇଁ ପୁରୀ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ପୁଲିସ ଅଧିକାରୀମାନେ ଏ ଦିଗରେ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି। ଅଭିଭାବକମାନେ ପୁଲିସ ଉପରେ ଯେଉଁ ଆଶା ରଖି ଆସୁଛନ୍ତି ସେମାନଙ୍କୁ କିପରି ତୁରନ୍ତ ନ୍ୟାୟ ମିଳିବ ସେ ଦିଗରେ ପୁଲିସ ବିଶେଷ ପଦକ୍ଷେପ ନେଉଛି। ଫଳସ୍ୱରୂପ ଦେଢମାସରେ ୧୪୫ ଜଣ ନାବାଳକ ଏବଂ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି ବୋଲି କହିଛନ୍ତି ଏସ୍‌ପି ପିନାକ ମିଶ୍ର। ଗୁରୁବାର ଗଣମାଧ୍ୟମକୁ ସୂଚନା ଦେଇ ଏସ୍‌ପି ଶ୍ରୀ ମିଶ୍ର କହିଛନ୍ତି, ୩୬୩ ଆଇପିସିରେ ଯେତେ ନିଖୋଜ ମାମଲା ହୋଇଛି ତାହାକୁ ଟ୍ରେସ୍ କରିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଚଳାଇଥିଲୁ। ଦେଢମାସରେ ୧୪୫ ଜଣ ନାବାଳକ ଓ ନାବାଳିକାଙ୍କୁ ଉଦ୍ଧାର କରାଯାଇ ତାଙ୍କର ଲିଗାଲ ଗାର୍ଡେନ ଏବଂ ଅଭିଭାବକଙ୍କୁ ହସ୍ତାନ୍ତର କରାଯାଇଛି। ଉଦ୍ଧାର ନାବାଳକ ଓ ନାବାଳିକାଙ୍କ ମଧ୍ୟରେ ପିପିଲି ସବ୍‌ଡିଭିଜନର ୩୫ ଜଣ, ନିମାପଡ଼ା ସବ୍ ଡିଭିଜନର ୫୫ଜଣ, ପୁରୀ ସଦର ସବ୍ ଡିଭିଜନର ୨୮ ଜଣ ଏବଂ ପୁରୀ ସହରର ୨୭ ଜଣ ରହିଛନ୍ତି। ଏମାନଙ୍କୁ ଉଦ୍ଧାର ପାଇଁ ପୁଲିସକୁ ରାଜ୍ୟ ବାହାରକୁ ମଧ୍ୟ ଯିବାକୁ ପଡ଼ିଛି। ଆଗାମୀ ଦିନରେ ଏଭଳି ପଦକ୍ଷେପ ଜାରି ରହିବ ବୋଲି କହିଛନ୍ତି ଏସ୍‌ପି। ବଳିଆପଣ୍ଡା ଥାନା ଅଧୀନରେ ନିକଟରେ ନିଖୋଜ ଶିଶୁ ସଂକ୍ରାନ୍ତରେ ଏସ୍‌ପି କହିଥିଲେ ଯେ, ଏ ନେଇ ତଦନ୍ତ ଜାରି ରହିଛି। ତଦନ୍ତ ଲାଗି କ୍ରାଇମ୍‌ବ୍ରାଞ୍ଚର ସହାୟତା ନିଆଯାଇଛି। ପରିବାର ପକ୍ଷରୁ ଯାହାଙ୍କ ଉପରେ ସନ୍ଦେହ କରାଯାଇଛି ତାଙ୍କର ଲାଇ ଡିଟେକ୍ସନ ଟେଷ୍ଟ ପାଇଁ ଆମେ ଲେଖିଛୁ। ଯେ ହେତୁ ଏହା କୋର୍ଟ କେସ୍ ଏଥିପାଇଁ ସତ୍ୟପାଠ ଦାଖଲ କରିଛୁ। ତାଙ୍କ ପରିବାର ପକ୍ଷରୁ ଯେଉଁ ବ୍ୟକ୍ତିଙ୍କ ଉପରେ ସନ୍ଦେହ କରାଯାଉଛି ତାଙ୍କର ଏକ ପୋଟ୍ରେଟ୍ ତିଆରି କରାଯିବ। ଏହାକୁ ବିଭିନ୍ନ ଥାନା ଏବଂ ଅଞ୍ଚଳରେ ବଣ୍ଟନ କରାଯିବ ବୋଲି ଏସ୍‌ପି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।

# ୧୪ରେ ଶ୍ରୀମନ୍ଦିରରେ ପାରମ୍ପରିକ ମହୋତ୍ସବ

ପୁରୀ, ୪।୪(ସମିସ)

ଶ୍ରୀକ୍ଷେତ୍ର ହନୁମାନ ଜୟନ୍ତୀ କମିଟି ଆନୁକୂଲ୍ୟରେ ଆସନ୍ତା ୧୪ ତାରିଖ ସନ୍ଧ୍ୟା ସମୟରେ ସିଂହଦ୍ୱାରଠାରେ ଶ୍ରୀମନ୍ଦିର ଶ୍ରୀକ୍ଷେତ୍ର ସମ୍ବଳିତ ପାରମ୍ପରିକ ମହୋତ୍ସବ ପାଳନ କରାଯିବ। ଗୁରୁବାର ରାଧାବଲ୍ଲଭ ମଠରେ ଆୟୋଜିତ ପ୍ରସ୍ତୁତି ବୈଠକରେ ମଠାଧୀଶ ତଥା ଅନୁଷ୍ଠାନ ସଭାପତି ରାମକୃଷ୍ଣ ଦାସ ମହାରାଜ ସଭାପତିତ୍ୱ କରି ସୂଚନା ଦେଇଥିଲେ। ଏହି ମହୋତ୍ସବରେ ଶ୍ରୀକ୍ଷେତ୍ରର ପାରମ୍ପରିକ ଗାନ୍ଧର୍ବକଳା, ସମର କଳା, ନାଗା ମେଢ, ଓଡ଼ିଶୀ ନୃତ୍ୟ ଆଦ ପ୍ରଦର୍ଶନ ହେବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ କାର୍ଯ୍ୟକାରୀ ସଭାପତି ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ଦାସ, ବରିଷ୍ଠ ଦଇତାପତି ସେବକ ରାମଚନ୍ଦ୍ର ଦାସ ମହାପାତ୍ର, ସମାଜସେବୀ ଚକ୍ରଧର ମହାପାତ୍ର, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଭାସ୍କର ମିଶ୍ର, ମନୋଜ ରଥ, ରାଜକିଶୋର ମିଶ୍ର, ସୁରେନ୍ଦ୍ର ନାୟକ, ଶ୍ୟାମସୁନ୍ଦର ମହାପାତ୍ର, ଅମିତ୍ ଦାସ ମହାପାତ୍ର, ପ୍ରସନ୍ନ ନାୟକ, ଅନାମ ଚନ୍ଦ୍ର ସାହୁ, ରବିନାରାୟଣ ପୂଜାପଣ୍ଡା, ଅଶୋକ କୁମାର ଦାସ, ଗଣେଶ ମହାସୁଆର, ଶ୍ୟାମପ୍ରକାଶ ସେନାପତି ପ୍ରମୁଖ ଯୋଗଦେଇଥିଲେ। କମିଟି ସମ୍ପାଦକ ବିଶ୍ୱନାଥ ସାମନ୍ତରା ଉତ୍ସବ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦା କରିଥିଲେ।

### ● ଯୁବକଙ୍କୁ ଗଳାକାଟି ହତ୍ୟା ଘଟଣାର ପର୍ଦ୍ଦାଫାସ୍

# ଦୁଇ ସାଙ୍ଗ କରିଥିଲେ ହତ୍ୟା





ମୋବାଇଲ ଚୋରି କଳିରୁ ବୀଭତ୍ସ କାଣ୍ଡ

ପୁରୀ, ୪।୪(ସମିସ)

ସାମାନ୍ୟ ଏକ ମୋବାଇଲ ଚୋରିକୁ ନେଇ ସାଙ୍ଗକୁ ହତ୍ୟା କରିଛନ୍ତି ଆଉ ଦୁଇଜଣ ସାଙ୍ଗ। ବୁଧବାର ସମୁଦ୍ରକୂଳ ଥାନା ଅନ୍ତର୍ଗତ ଚକ୍ରତୀର୍ଥ ରୋଡ ନାରାୟଣ ପ୍ୟାଲେସ ଗଳିରେ ଗଳାକାଟି ଯୁବକଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି ପୁରୀ ପୁଲିସ। ଏ ନେଇ ଗୁରୁବାର ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ପିନାକ ମିଶ୍ର ଏହି ବୀଭତ୍ସ ହତ୍ୟାକାଣ୍ଡର ଖୁଲାସା କରିଛନ୍ତି।

ଏସ୍‌ପି ଶ୍ରୀ ମିଶ୍ର କହିଥିଲେ, ବୁଧବାର ଭୋରୁ ଚକ୍ରତୀର୍ଥ ରୋଡର ଏକ ପରିତ୍ୟକ୍ତ ଜାଗାରେ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ପଡ଼ିଥିବା ଖବର ମିଳିଥିଲା। ସଙ୍ଗେ ସଙ୍ଗେ ଫରେନ୍ସିକ ଟିମ୍ ସହିତ ବରିଷ୍ଠ ପୁଲିସ ଅଧିକାରୀ ପହଞ୍ଚିଥିଲେ। ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟା ଘଟଣା ସ୍ପଷ୍ଟ ହୋଇଥିଲା। ତାଙ୍କ ଗଳା କଟା ଯାଇଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିଲା। ମୃତ ଯୁବକ ତାଳବଣିଆ ଥାନା ଅନ୍ତର୍ଗତ ବାଲିଗୁଆଳିର ବିକ୍ରମକେଶରୀ ପ୍ରଧାନ ଓରଫ୍ ରାଜା (୩୦) ବୋଲି ଜଣାପଡ଼ିଥିଲା। ସଙ୍ଗେ ସଙ୍ଗେ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ତେବେ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ସମୁଦ୍ରକୂଳ ଥାନାରେ ଏକ ହତ୍ୟା ମାମଲା (ନଂ.୭୭/୨୪) ରୁଜୁ କରାଯାଇ ଶବ ଜବତ ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ସେ ତେ ବେ ... ଜନଗହଳିପୂର୍ଣ୍ଣ ସ୍ଥାନରେ ... ଘଟିଥିବା ... ହତ୍ୟାକାଣ୍ଡକୁ ଗମ୍ଭୀରତାର ସହ ନେଇ ଏସ୍‌ପି ଅଭିଯୁକ୍ତଙ୍କୁ ଧରିବା ପାଇଁ ତୁରନ୍ତ ୩ଟି ଟିମ୍ ଗଠନ କରିଥିଲେ। ୮ ଘଣ୍ଟା ମଧ୍ୟରେ ୨ ଅଭିଯୁକ୍ତଙ୍କୁ କାବୁ କରିବାକୁ ସକ୍ଷମ ହୋଇଥିଲା ପୁଲିସ। ଏହି ଦୁଇ ଅଭିଯୁକ୍ତ ହେଲେ ବାଲିଘାଟରରେ ରହୁଥିବା ନୟାଗଡ଼ର ସନ୍ତୋଷ ନାୟକ ଓରଫ୍ ଗୁଲୁ (୨୫) ଏବଂ ସିଟି ରୋଡର ବିଶ୍ୱଜିତ କୁମାର ରଥ ଓରଫ୍ ବିଶୁ (୨୫)। ତିନିଜଣ ଭଲ ବନ୍ଧୁ। କିନ୍ତୁ ମୃତକଙ୍କ ମୋବାଇଲ ଫୋନକୁ ଅଭିଯୁକ୍ତ ଗୁଲୁ ଚୋରି କରି ବିକ୍ରି କରିଥିଲା। ପରବର୍ତ୍ତୀ ସମୟରେ ବିକ୍ରମ ଏହା ଜାଣିବାକୁ ପାଇଥିଲା। ସାଙ୍ଗ ହୋଇ ଫୋନ ଚୋରି କରିଥିବାରୁ ସେ ଗୁଲୁକୁ ଗାଳିମନ୍ଦ କରିଥିଲା। ଗୁଲୁକୁ ସମର୍ଥନ କରିଥିବାରୁ ବିଶୁକୁ ମଧ୍ୟ ଗାଳି କରିଥିଲା ବିକ୍ରମ। ଏଥିରେ ଉତ୍କ୍ଷିପ୍ତ ହୋଇ ଦୁଇସାଙ୍ଗ ଗୁଲୁ ଏବଂ ବିଶୁ ବିକ୍ରମଙ୍କୁ ହତ୍ୟା କରିବା ପାଇଁ ଯୋଜନା କରିଥିଲେ। ତେଣୁ ଦୁହେଁ ଆପୋଷ ସମାଧାନ କରିବା ପାଇଁ ମଙ୍ଗଳବାର ବିକ୍ରମକୁ ଡାକିଥିଲେ। କିନ୍ତୁ ସେ ତାଙ୍କ ଦୁଇ ସାଙ୍ଗଙ୍କ ପ୍ରକୃତ ଉଦ୍ଦେଶ୍ୟ ବିଷୟରେ ସୁରାକ୍ ପାଇପାରି ନ ଥିଲେ। ତେଣୁ ରାତିରେ ପହଞ୍ଚିଥିଲେ। ପୂର୍ବରୁ ପ୍ରସ୍ତୁତ ହୋଇଥିବା ଗୁଲୁ ଏବଂ ବିଶୁ ବିକ୍ରମ ସହିତ ଝଗଡ଼ା କରିଥିଲେ। ସେମାନଙ୍କ ଭିତରେ ମତାନ୍ତର ତୀବ୍ର ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଗୁଲୁ ଏବଂ ବିଶୁ ଏକ କାତିରେ ବିକ୍ରମକୁ ହତ୍ୟା କରିଥିଲେ। ଏପରି କି ଭଙ୍ଗା ବିୟର ବୋତଲ ଏବଂ ପଥରରେ ମଧ୍ୟ ଆଘାତ ଦେଇଥିଲେ। ଫଳରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ହିଁ ବିକ୍ରମଙ୍କର ମୃତ୍ୟୁ ଘଟିଥିଲା। ହତ୍ୟାକାଣ୍ଡ ଭିଆଇବା ପରେ ଅଭିଯୁକ୍ତ ଦ୍ୱୟ ବିକ୍ରମ ମୋବାଇଲ ଫୋନ୍ ନେଇ ଫେରାର୍ ହୋଇଯାଇଥିଲେ। ସେମାନେ କେରଳ ପଳାଇଯିବାକୁ ଯୋଜନା କରୁଥିବା ବେଳେ ପୁଲିସ ଉଭୟଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ଗୋଟିଏ ବାଇକ୍ (ନଂ.ଓଆର୧୩ସି-୦୬୪୦), ଗୋଟିଏ ରକ୍ତଲଗା କାତି, ମୃତ ବିକ୍ରମଙ୍କ ମୋବାଇଲ ଫୋନ ଏବଂ ଅଭିଯୁକ୍ତ ଦ୍ୱୟଙ୍କର ଦୁଇଟି ମୋବାଇଲ ଜବତ କରିଛି ପୁଲିସ। ସେମାନେ ପୁଲିସ ଆଗରେ ଦୋଷ ସ୍ୱୀକାର କରିଛନ୍ତି। ଗୁରୁବାର ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଏହି ଦୁଇଜଣ ଏଥିରେ ସାମିଲ ଥିବା ଜଣାପଡ଼ିଛି। ଆଗକୁ ଏହାର ତଦନ୍ତ ଜାରି ରହିବ। ଆବଶ୍ୟକ ପଡ଼ିଲେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି କହିଛନ୍ତି ଏସ୍‌ପି ଶ୍ରୀ ମିଶ୍ର।

ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସୁଶୀଲ ମିଶ୍ର, ଦେବବ୍ରତ ଚକ୍ର ଓ ବିଷ୍ଣୁ ପତି, ସଦର ଏସ୍‌ଡିପିଓ ରବିନାରାୟଣ ଭଞ୍ଜ, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ, ସମୁଦ୍ରକୂଳ ଥାନାଧିକାରୀ ମାନସ ରଞ୍ଜନ ଚକ୍ର ଉପସ୍ଥିତ ଥିଲେ।

### ● ନାବାଳିକାକୁ ଯୌନ ନିର୍ଯାତନା ମାମଲା

# ଦୋଷୀକୁ ୧୦ ବର୍ଷ ଜେଲ୍

ପୁରୀ, ୪।୪(ସମିସ): ୨୦୧୯ ମସିହାରେ କୁମ୍ଭାରପଡ଼ା ଥାନା ଅଞ୍ଚଳରେ ଘଟିଥିବା ଏକ ନାବାଳିକା ବଳାତ୍କାର ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ପୁରୀ ଅତିରିକ୍ତ ଜିଲ୍ଲା ଦୌରାଜଜ (ଆଡହକ୍) ତଥା ସ୍ୱତନ୍ତ୍ର ପୋକ୍ସୋ ଫାଷ୍ଟଟ୍ରାକ କୋର୍ଟରେ ଦୋଷୀକୁ ଦଣ୍ଡାଦେଶ ହୋଇଛି। ଅଭିଯୁକ୍ତ ଗୋପ ଥାନା ଅନ୍ତର୍ଗତ ଜାଉଁଳିପୋଖରୀ ଚଣ୍ଡୀ ବରହମପୁରର ନାରାୟଣ ମଲ୍ଲିକକୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୧ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ବିଚାରପତି ରାମନାଥ ପଣ୍ଡା ରାୟ ଦେଇଛନ୍ତି। ଗତ ୨୦୧୯ ମସିହା ଜୁଲାଇ ୮ ତାରିଖରେ ୧୬ ବର୍ଷୀୟା ନାବାଳିକାକୁ ନାରାୟଣ ଯୌନ ନିର୍ଯାତନା ଦେଇଥିଲା। ଅଭିଯୁକ୍ତ ଏକ ବସ୍‌ର ହେଲ୍‌ପର ଥିଲା। ଅସହାୟା ନାବାଳିକାକୁ ବସ୍ ଭିତରେ ହିଁ ଦୁଷ୍କର୍ମ କରିଥିଲା। ଏହା ପରଦିନ ବଳାତ୍କାର ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି କୁମ୍ଭାରପଡ଼ା ପୁଲିସ ପୋକ୍ସୋ ଆକ୍ଟରେ ଏକ ମାମଲା (ନଂ.୧୩୭/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ପୁଲିସ। ଅଭିଯୁକ୍ତକୁ ଗିରଫ କରାଯିବା ପରେ ସେ ଜେଲ୍ ଯାଇଥିଲା। ସେହିବର୍ଷ ଜୁଲାଇ ୧୭ ତାରିଖରେ ଏହାର ଚାର୍ଜଶିଟ୍ ଦାଖଲ ହୋଇଥିଲା। ତେବେ ସାକ୍ଷୀଙ୍କ ବୟାନକୁ ଆଧାର କରି ମାନ୍ୟବର ଅଦାଲତ ଏହି ରାୟ ଦେଇଛନ୍ତି। ସେହିପରି ପୀଡ଼ିତାଙ୍କୁ ରାଜ୍ୟ ସରକାର ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ମଧ୍ୟ ଅଦାଲତଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି ମାମଲାକୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର (ପିପି) ବାହାନ ପରିଡ଼ା ପରିଚାଳନା କରୁଥିଲେ।



କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ନିର୍ବାଚନ ସମୀକ୍ଷା ବୈଠକ

# ନିରପେକ୍ଷ, ଅବାଧ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନକୁ ଗୁରୁତ୍ୱ

● ନିଶା କାରବାର ରୋକିବାକୁ ପରାମର୍ଶ
● ଚିକିତ୍ସା ବାହାନା କଲେ କାର୍ଯ୍ୟାନୁଷ୍ଠାନ

ନୟାଗଡ଼, ୪।୪(ସମିସ):



ପୂର୍ବାହ୍ନରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ରଞ୍ଜନ କୁମାର ଦାସ ନୟାଗଡ଼ ଗସ୍ତରେ ଆସି ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଆଗାମୀ ସାଧାରଣ ନିର୍ବାଚନ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଛନ୍ତି। ନିର୍ବାଚନକୁ ମୁକ୍ତ, ନିରପେକ୍ଷ, ଅବାଧ ଓ ଶାନ୍ତିପୂର୍ଣ୍ଣ ଭାବେ ସମାପନ କରିବା ପାଇଁ ଶ୍ରୀ ଦାସ ଗୁରୁତ୍ୱାରୋପ କରିଥିଲେ। ନିର୍ବାଚନ ପ୍ରସ୍ତୁତିର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରି ନିର୍ବାଚନ କମିଶନରଙ୍କ ଆଦର୍ଶ ଆଚରଣବିଧି କଡ଼ାକଡ଼ି ପାଳନ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଯଥାର୍ଥ କାରଣ ନ ଥାଇ ମେଡିକାଲ ସାର୍ଟିଫିକେଟର ସାହାଯ୍ୟ ବା ବିଶିଷ୍ଟ ବ୍ୟକ୍ତିଙ୍କ ସୁପାରିଶ୍ ଆଧାରରେ ନିର୍ବାଚନ କାର୍ଯ୍ୟରୁ ନିବୃତ ରହିବାକୁ ଚାହୁଁଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଜିଲ୍ଲା ନିର୍ବାଚନ ଅଧିକାରୀ ସ୍ୱଧା ଦେବ ସିଂଙ୍କୁ ପରାମର୍ଶ ଦେଇଥିଲେ। ପୁଲିସ ଫ୍ଲାଗ୍‌ମାର୍ଚ୍ଚ, ପେଣ୍ଡିଙ୍ଗ୍ ୱାରେଣ୍ଟି, ବନ୍ଧୁକ ଲାଇସେନ୍ସ ଇତ୍ୟାଦି ଉପରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଉପସ୍ଥିତ ଅତିରିକ୍ତ ଆରକ୍ଷୀ ଅଧିକାରୀ ସୁବାସ ଚନ୍ଦ୍ର ପଣ୍ଡାଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ନିର୍ବାଚନ ସମୟରେ ମଦ, ଗଞ୍ଜେଇ, ଡ୍ରଗସ୍ ଆଦିର ଚୋରା ଚାଲାଣ ରୋକିବା ପାଇଁ ପୁଲିସ ଓ ଅବକାରୀ ବିଭାଗ ଉଭୟ ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ମାଦକ ଦ୍ରବ୍ୟ ଚୋରା ଚାଲାଣକାରୀମାନେ ମୁଖ୍ୟ ରାସ୍ତାରେ ସେମାନଙ୍କ ବ୍ୟବସାୟ ନକରି ଜିଲ୍ଲାର ଏକ ପାର୍ଶ୍ୱରେ ଥିବା ମହାନଦୀରେ ସେମାନଙ୍କର ଯାତାୟାତ ସମ୍ଭାବନା ଅଧିକ ଥିବାରୁ ସେଥିପ୍ରତି ଦୃଷ୍ଟି ଦେବାକୁ ସେ ଅବକାରୀ ଓ ପୁଲିସ ବିଭାଗକୁ ପରାମର୍ଶ ଦେଇଥିଲେ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପୋଲିଙ୍ଗ ପାର୍ଟି ଡେସ୍ପାଚ୍ ସେଣ୍ଟର, ସମସ୍ତ ଭୋଟ ଗ୍ରହଣ କେନ୍ଦ୍ର, କାଉଣ୍ଟିଙ୍ଗ ସେଣ୍ଟରଗୁଡ଼ିକରେ ଆବଶ୍ୟକୀୟ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ସେ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ବାଚନରେ ଆବଶ୍ୟକୀୟ ଯାନ ସମ୍ବନ୍ଧରେ ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ରାଜସ୍ୱ ଆୟୁକ୍ତଙ୍କୁ ବିଶଦ୍ ଭାବେ ବୁଝାଇଥିଲେ। ଏହି ସମୀକ୍ଷା ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଦିଲୀପ କୁମାର ବଳ ଏବଂ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲ୍ଲାର ସମସ୍ତ ନୋଡାଲ୍ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀମାନେ ଉପସ୍ଥିତ ଥିଲେ।

● ଅବସରପ୍ରାପ୍ତ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ଘଟଣା

## ବଢ଼ୁଛି ସନ୍ଦେହ; ଚାଲିଛି ଖୋଳତାଡ଼

ଖଣ୍ଡପଡ଼ା, ୪।୪(ସମିସ): ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ବଡ଼ସହରା ପଞ୍ଚାୟତ ଗୋପାଳପ୍ରସାଦ ଗ୍ରାମର ଅବସରପ୍ରାପ୍ତ ପୁଲିସ କନେଷ୍ଟବଳ ସୋମନାଥ ପଟ୍ଟନାୟକଙ୍କ ମୃତ୍ୟୁ ଘଟଣା ଏବେ ସନ୍ଦେହ ଘେରରେ ଥିବା ଜଣାପଡ଼ିଛି। ଉଭୟେ ଫତେଗଡ଼ ଓ ଖଣ୍ଡପଡ଼ା ଥାନା ପକ୍ଷରୁ ଘଟଣାର ଅନୁସନ୍ଧାନ ଜାରୀ ରହିଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଖଣ୍ଡପଡ଼ା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଅଭିଯୋଗକାରୀ ତଥା ମୃତକଙ୍କ ପୁଅ ନୀଳମାଧବ ପଟ୍ଟନାୟକ ବାପାଙ୍କ ମୃତ୍ୟୁ ଘଟଣାକୁ ସହଜରେ ଗ୍ରହଣ କରି ପାରୁ ନାହାଁନ୍ତି। ଏକାଧିକ ଦୁର୍ବୃତ୍ତ ଅପହରଣ ପରେ ହତ୍ୟା କରି ଫିଙ୍ଗି ଦେଇଥିବା ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏନେଇ ପୁଲିସ ପକ୍ଷରୁ ତଦନ୍ତ ଚାଲିଥିବା ବେଳେ ପରିବାର ଲୋକେ କିନ୍ତୁ ବାହାଡ଼ା ଛକ, ବାଇଗୁଣିଆ ଏବଂ ବନମାଳିପୁର ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଥିବା ସିସିଟିଭି ଯାଞ୍ଚ କରୁଥିବା କୁହାଯାଇଛି। ମୃତ୍ୟୁ ପଛରେ ରାଜନୈତିକ ଶତ୍ରୁତା ନା ଆଉ କଣ କାରଣ ରହିଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆଗକୁ ସାଧାରଣ ନିର୍ବାଚନ ଆସୁଥିବା ବେଳେ ଖଣ୍ଡପଡ଼ା ଓ ଫତେଗଡ଼ ଥାନା ଅଞ୍ଚଳରେ ପେଶାଦାର ଅପରାଧୀ ଓ ନିଶାଡ଼ିମାନଙ୍କ ଦୌରାତ୍ମ୍ୟ କମିବାର ନାଁ ଧରୁନି। ଏନେଇ ପୁଲିସ କେତେ ସଜାଗ ତାହା ସାଧାରଣରେ ପ୍ରତୀୟମାନ ହେଉଥିବା ଦେଖିବାକୁ ମିଳିଛି। ଏପରିକି ଦିନଦ୍ୱିପ୍ରହରରେ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ଓ ସୁନାଗହଣା ଚୋରି ହେଉଥିବା ବେଳେ ମାସ ମାସ ବିତିଯାଇଥିଲେ ମଧ ଆସାମୀ ଧରା ପଡୁ ନାହାନ୍ତି। ତେବେ ଅପରାଧିକ ଘଟଣାକୁ ରୋକିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପାଟ୍ରୋଲିଂ କରାଯିବା ନିମନ୍ତେ ଜନସାଧାରଣ ଦାବି କରିଛନ୍ତି।

## ପିଲାଚୋର ସନ୍ଦେହରେ ମହିଳା ଅଟକ

ନୟାଗଡ଼, ୪।୪(ସମିସ): ଜଣେ ମହିଳାଙ୍କୁ ପିଲାଚୋର ଭାବି ଗ୍ରାମବାସୀ ଅଟକ ରଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ମହିଳାଙ୍କୁ ଉଦ୍ଧାର କରି ତଦନ୍ତ ଚଳାଇଛି।ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବଡ଼ସହରା ପଞ୍ଚାୟତ ଗୋପାଳପ୍ରସାଦ ଗ୍ରାମରେ ଗୁରୁବାର ଜଣେ ମହିଳା ଭିକ୍ଷା ମାଗିବାକୁ ଆସିଥିଲେ। ତାଙ୍କ ଚାଲିଚଳଣ ସନ୍ଦେହଜନକ ମନେ ହେବାରୁ ଗ୍ରାମବାସୀ ତାଙ୍କୁ ଅଟକ ରଖି ପୁଲିସରେ ଖବର ଦେଇଥିଲେ। ଫତେଗଡ଼ ଥାନା ଏସ୍‌ଆଇ ଅଞ୍ଜଳୀ ସା ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ତଦନ୍ତ କରିଥିଲେ। କେନ୍ଦୁଝର ଅଞ୍ଚଳର ବସନ୍ତ ବେହେରାଙ୍କ ସ୍ତ୍ରୀ ହୀରା ବେହେରା ଦୀର୍ଘ ବର୍ଷ ହେଲା ଖଣ୍ଡପଡ଼ା ଥାନା ଶିଖରପୁର ନିକଟ ଝିଲ୍ଲିପଡ଼ାଠାରେ ଏକ କୁଡ଼ିଆ କରି ରହି ଏ ଅଞ୍ଚଳରେ ଭିକ୍ଷା ମାଗି ଚଳନ୍ତି। ତାଙ୍କର ସାମାନ୍ୟ ମାନସିକ ବିକୃତି ମଧ ଥିବା ଜଣାପଡ଼ିଛି। ତଦନ୍ତ ପରେ ମହିଳା ଜଣଙ୍କ ପିଲାଚୋର ନୁହନ୍ତି ବୋଲି ପୁଲିସ ସୂଚନା ଦେଇଛି।

## ସହିଦ ରଘୁ-ଦିବାକରଙ୍କ ଶ୍ରାଦ୍ଧଦିବସ



ନୟାଗଡ଼, ୪।୪(ସମିସ): ନୟାଗଡ଼ ଜିଲ୍ଲାରେ ସହିଦ ରଘୁ-ଦିବାକରଙ୍କ ଶ୍ରାଦ୍ଧଦିବସ ଅବସରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ସହିଦଙ୍କର ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ପାଳନ କରାଯାଇଛି। ଏଥିରେ କାର୍ଯ୍ୟାଳୟର ଅଧିକାରୀ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ନୟାଗଡ଼ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବଢ଼ୁଛି ତାତି; ଅସହ୍ୟ ଗୁଳୁଗୁଳି

ନୟାଗଡ଼, ୪।୪(ସମିସ): ନୟାଗଡ଼ ଜିଲ୍ଲାରେ ଗତ ଏକ ସପ୍ତାହ ଧରି ତାପମାତ୍ରା ବୃଦ୍ଧି ପାଇଛି। ପ୍ରତ୍ୟେକ ଦିନ ତାପମାତ୍ର ୪୦ ଡିଗ୍ରୀରୁ ଊର୍ଦ୍ଧ୍ୱ ରହୁଥିବା ବେଳେ ଶ୍ରମିକ ଓ ଖଟିଖିଆଙ୍କ ପାଇଁ ଏହା ସବୁଠାରୁ ବଡ଼ ସମସ୍ୟା ସୃଷ୍ଟି ହୋଇଛି। ତାପମାତ୍ରା ବୃଦ୍ଧିକୁ ଦୃଷ୍ଟି ଦେଇ ନୟାଗଡ଼ ଜିଲ୍ଲାପାଳ ବିଦ୍ୟାଳୟ ସମୟରେ ପରିବର୍ତ୍ତନ କରିଛନ୍ତି। ଅସହ୍ୟ ଗୁଳୁଗୁଳି ସମସ୍ୟାକୁ ଦ୍ୱିଗୁଣିତ କରିଛି। ଆଜି ଅପରାହ୍ନରେ ବର୍ଷା ପାଗ ସୃଷ୍ଟି ହୋଇ ଗୁଳୁଗୁଳିର ମାତ୍ରା ବୃଦ୍ଧି ପାଇଥିବା ଦେଖାଯାଇଛି। ଦିନ ୧୧ଟା ପରଠାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଘରୁ ବାହାରି ହେଉନଥିବା ଦେଖାଯାଇଛି। ମୁଖ୍ୟତଃ ନୟାଗଡ଼ ସହର ରୁକ୍ଷୀ ଓ ବଳରାମ ପାଦ ଦେଶରେ ରହିଥିବାରୁ ସହରବାସୀଙ୍କୁ ସବୁଠାରୁ ଅଧିକ ଉତ୍ତାପ ସହିବାକୁ ପଡ଼ୁଛି।

ଓଜନରେ ଚାଲିଛି ଠକେଇ; ଆଇନଗତ କାର୍ଯ୍ୟାନୁଷ୍ଠାନ ଶୂନ

## ବର୍ଷକ ମଧ୍ୟରେ ୫ ଲକ୍ଷ ଟଙ୍କା ଜରିମାନା ଆଦାୟ

ନୟାଗଡ଼, ୪।୪(ସମିସ): ଆର୍ଥିକ ବର୍ଷ ୨୦୨୩-୨୪ରେ ନୟାଗଡ଼ ଓଜନ ମାପ ବିଭାଗ ତରଫରୁ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଯଥା-ତେଜରାତି, ପନିପରିବା, ମାଛ, ମାଂସ, ପେଟ୍ରୋଲ ପମ୍ପ, ଏଲପିଜି ଗୋଦାମ, ଲୁଗା ଦୋକାନ, ହାର୍ଡଓୟାର ଦୋକାନ, ମିଠା ଦୋକାନ, ଗହଣା ଦୋକାନ ଏବଂ ସପିଙ୍ଗ୍ ମଲରେ ବିଭିନ୍ନ ମାପ ଓ ଓଜନ ଯନ୍ତ୍ର ଓ ପ୍ୟାକେଟ୍ ସାମଗ୍ରୀ ଯାଞ୍ଚ କରାଯାଇ ୧୭୪ ଜଣ ବ୍ୟବସାୟୀଙ୍କଠାରୁ ମାପ ଓ ଓଜନରେ ଠକେଇ ବାବଦକୁ ୫ ଲକ୍ଷ ୨ ହଜାର ୬ ଶହ ଟଙ୍କା ଜରିମାନା ଆଦାୟ କରିଛି। ସର୍ବମୋଟ ୧୫୭ ୯ଟି ବ୍ୟବସାୟିକ ପ୍ରତିଷ୍ଠାନରେ ବୈଧମାପ ବିଜ୍ଞାନ ଉପନିୟନ୍ତ୍ରକ ମୋନାଲିସା ରାୟଙ୍କ ତତ୍ତ୍ୱାବଧାନରେ ଅଚାନକ ଚଢ଼ଉ କରାଯାଇଥିଲା। ଏଥିରେ ନୟାଗଡ଼ ୟୁନିଟ୍‌ର ନିରୀକ୍ଷକ ଶର୍ମିଳା ଜେନା ସହଯୋଗ କରିଥିଲେ। ଆଗାମୀ ଦିନରେ ଏପରି ଚଢ଼ଉ ଜାରି ରହିବ ବୋଲି ମାପ ଓଜନ ବିଭାଗ ନୟାଗଡ଼ ଜିଲ୍ଲାର ଉପନିୟନ୍ତ୍ରକ ଶ୍ରୀମତୀ ରାୟ ସୂଚନା ଦେଇଛନ୍ତି।

ଉପଭୋକ୍ତା ତଥା ଖାଉଟି କମ୍ପ୍ୟୁଟର୍ କଣ୍ଟା ଉପରେ ବିଶ୍ୱାସ କରି ଜିନିଷ କିଣୁଥିବା ବେଳେ ନୟାଗଡ଼ ଜିଲ୍ଲାରେ କମ୍ପ୍ୟୁଟର କଣ୍ଟାରେ ସାଂଘାତିକ ଠକେଇ ହେଉଛି। ୧ କେଜି ଦ୍ରବ୍ୟରେ ୧୫୦ ଗ୍ରାମ ପର୍ଯ୍ୟନ୍ତ ଠକେଇ ହେଉଛି। ଏଭଳି ଅଭିଯୋଗ ମଧ୍ୟରୁ ଅଧିକ ଅଭିଯୋଗ ମାଛ ଓ ମାଂସ ବ୍ୟବସାୟୀଙ୍କ ନାମରେ ରହିଥିବା ବେଳେ ନୟାଗଡ଼ ଜିଲ୍ଲା ବୈଧମାପ ବିଜ୍ଞାନ ବିଭାଗର ନିଷ୍କ୍ରିୟତା ସ୍ପଷ୍ଟ ପ୍ରମାଣିତ ହୋଇଛି। ନାଁକୁ ମାତ୍ର ଲୋକ ଦେଖାଣିଆ ଚଢ଼ଉ କରାଯାଉଥିବା ବେଳେ ଏହାକୁ ଆଦୌ ଛୋଟ ଛୋଟ ବ୍ୟବସାୟୀ ଗୁରୁତ୍ୱ ଦେଉନଥିବା ଅଭିଯୋଗ ହେଉଛି। ନୟାଗଡ଼ ଜିଲ୍ଲାରେ ୮ଟି ବ୍ଲକ, ୫ଟି ଏନ୍‌ଏସି ଓ ନୟାଗଡ଼ ପୌର ପରିଷଦରେ ଲକ୍ଷାଧିକ ବ୍ୟବସାୟୀ କମ୍ପ୍ୟୁଟର କଣ୍ଟା ବ୍ୟବହାର କରୁଛନ୍ତି। ଜିଲ୍ଲାରେ ଲକ୍ଷାଧିକ ବ୍ୟବସାୟୀଙ୍କ ମଧ୍ୟରୁ ଅନେକ ଠକେଇ କରୁଥିବା ବେଳେ ବୈଧମାପ ବିଜ୍ଞାନ ବିଭାଗ ବର୍ଷକୁ ମାତ୍ର ୧୭୪ ଜଣଙ୍କଠାରୁ ଜରିମାନା ଆଦାୟ କରିଛି। ନୟାଗଡ଼ ପୌର ପରିଷଦ ଅନ୍ତର୍ଗତ ନୟାଗଡ଼ ସହରରେ ପ୍ରତ୍ୟେକ ଦିନ ଠକେଇ କରାଯାଉଛି। ଗ୍ରାହକଙ୍କୁ କମ୍ପ୍ୟୁଟର କଣ୍ଟା ତଥା ଡିଜିଟାଲ କଣ୍ଟାର ମାୟା ଜାଲରେ ବ୍ୟବସାୟୀମାନେ ଠକେଇ କରୁଥିବା ବେଳେ ବିଭାଗ ଆଦୌ ଦୃଷ୍ଟି ଦେଉନାହିଁ। ନୟାଗଡ଼ ସହରରେ ରହିଥିବା ମାଛ ଓ ମାଂସ ବ୍ୟବସାୟୀମାନେ ସବୁଠାରୁ ଅଧିକ ପରିମାଣର ଠକେଇ କରୁଥିବା ଅଭିଯୋଗ ହେଉଛି। ନୟାଗଡ଼ ସହରରୁ ନୟାଗଡ଼ କଲେଜ ମଧ୍ୟରେ ରହୁଥିବା ଆମିଷ ବ୍ୟବସାୟୀ ଏବଂ ମାଛ ମାର୍କେଟରେ ରହିଥିବା ଦୋକାନଗୁଡ଼ିକ କଣ୍ଟାରେ ଠକେଇ କରୁଥିବା ନେଇ ଅନେକ ଗ୍ରାହକ ଅଭିଯୋଗ କରୁଥିଲେ ମଧ କେହି ଦୃଷ୍ଟି ଦେଉନାହାନ୍ତି। ଗ୍ରାହକମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ପ୍ରଶାସନିକସ୍ତରରେ ନିଦାବିଷ୍ଟୁ ସାଜିଥିବା ନେଇ ଅଭିଯୋଗ ହୋଇ ଆସିଥିଲା। ଆଜି ଓଜନ ମାପ ବିଭାଗ ବର୍ଷକ ମଧ୍ୟରେ ମାତ୍ର ୧୭୪ ଜଣ ବ୍ୟବସାୟୀଙ୍କଠାରୁ ମାତ୍ର ୫ ଲକ୍ଷ ଜରିମାନା ଆଦାୟ କରିବା ଜଣାପଡ଼ିବା ପରେ ବିଭାଗର ନିଷ୍କ୍ରିୟତା ସ୍ପଷ୍ଟ ହୋଇଛି।

ନୂଆରୂପ ନେବ ଗୁଣ୍ଡିଚା ମନ୍ଦିର

## ମୁକ୍ତା ଯୋଜନାରେ ୧୮ .୯୦ ଲକ୍ଷ ମଞ୍ଜୁର



● 'ସକାଳ'ରେ ପ୍ରକାଶିତ ହୋଇଥିଲା ଖବର
● ପଦକ୍ଷେପ ନେଲେ ଏନ୍‌ଏସି କର୍ତ୍ତୃପକ୍ଷ

ଖଣ୍ଡପଡ଼ା, ୪।୪(ସମିସ): ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକରେ ରହିଛି ଅନେକ ପୁରୁଣା ମଠ ମନ୍ଦିର। ବର୍ଷେ କି ଦୁଇ ବର୍ଷ ନୁହେଁ ଶତାଧିକ ବର୍ଷ ଧରି ଲୋକଙ୍କ ଭକ୍ତି ଭାବନାକୁ ବାନ୍ଧି ରଖିଛି ଅନେକ ଧାର୍ମିକ ପୀଠ। ପ୍ରତ୍ୟକ୍ଷରେ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱରେ ରହିଥିଲେ ସ୍ଥାନୀୟ ଖଣ୍ଡପଡ଼ା ରାଜା। ମାତ୍ର ଦେଶ ସ୍ୱାଧୀନ ହେବା ପରେ ଶାସନର ବ୍ୟବସ୍ଥା ଭିତରେ କିଛି ମଠ ମନ୍ଦିର ଏବଂ ଠାକୁରଙ୍କ ଖଞ୍ଜା ଓ ସମ୍ପତ୍ତି ପ୍ରଶାସନିକ ଅଧୀନକୁ ଚାଲି ଯାଇଥିବା ବେଳେ ଆଉକିଛି ସ୍ଥାନୀୟ ରାଜାଙ୍କ ଅଧୀନରେ ରହିଯାଇଛି। ତେବେ ସୂଚନା ଅନୁଯାୟୀ, ଦୀର୍ଘ ବର୍ଷ ଧରି ଦେବୋତ୍ତର ଅଧୀନରେ ଥିବା ଖଣ୍ଡପଡ଼ା ରଘୁନାଥ ମନ୍ଦିର ପରିସରରେ ପୂଜା ପାଉଥିବା ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ରଥଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଇଥାନ୍ତି। ଦୁଃଖ ଏବଂ ପରିତାପର ବିଷୟ ବର୍ଷ ବର୍ଷ ଧରି ଭଗ୍ନ ଅବସ୍ଥାରେ ରହିଥିବା ଗୁଣ୍ଡିଚା ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦେଖିବା ପରେ ଭକ୍ତଙ୍କ ମନରେ କଷ୍ଟ ଦେଖାଦେଇଥିଲା। ଏହାର ନବୀକରଣ ନିମନ୍ତେ ସ୍ଥାନୀୟ ଲୋକଙ୍କ ଦାବି ମୁତାବକ ପ୍ରଥମେ ଗତବର୍ଷ ରଥଯାତ୍ରା ସମୟରେ 'ସକାଳ'ରେ ଖବର ପ୍ରକାଶିତ ହେବା ସହ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏବେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ଗୁଣ୍ଡିଚା ଘରର ଉନ୍ନତିକରଣ ନିମନ୍ତେ ମୁଖ୍ୟମନ୍ତ୍ରୀ କର୍ମତତ୍ପର(ମୁକ୍ତା) ଯୋଜନାରେ ୧୮ ଲକ୍ଷ ୯୦ ହଜାର ଟଙ୍କା ମଞ୍ଜୁର ହୋଇଥିବା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ ସୂଚନା ଦେଇଛନ୍ତି। ବିଗ୍ରହଙ୍କ ଆସ୍ଥାନ, ଭୋଗ ମଣ୍ଡପ ଏବଂ ରୋଷଶାଳା ନିର୍ମାଣ ହେବ ବୋଲି ଜଣାପଡ଼ିଛି। ଏନେଇ ସ୍ଥାନୀୟ ଜନସାଧାରଣ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଫତେଗଡ଼ରେ ଜଳଯୋଗାଣ ବନ୍ଦ

## ୮ ହଜାର ଲୋକ ପାନୀୟଜଳ ପାଇଁ ଡହଳବିକଳ



ଭାପୁର, ୪।୪(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼କୁ କିଛିଦିନ ହେବ ପାନୀୟଜଳ ଯୋଗାଣ ବନ୍ଦ ରହିଛି। ମୋଟର ଲଗାଇ କିଛି ବ୍ୟକ୍ତି ପାଣି ଚୋରି କରୁଥିବାରୁ ହଜାର ହଜାର ଗ୍ରାମବାସୀ ପାନୀୟଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଫତେଗଡ଼ ଗ୍ରାମର ୧୫ଟି ୱାର୍ଡର ୧୭ଟି ସାହିରେ ଆଠ ହଜାରରୁ ଅଧିକ ଲୋକ ବାସ କରନ୍ତି। ଏତେ ବଡ଼ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ଥାନା ପରିସରରେ ଏକ ବୋରିଙ୍ଗ ସହ ୫୦ ହଜାର ଲିଟର କ୍ଷମତା ବିଶିଷ୍ଟ ଏକ ଓଭରହେଡ ପାଣି ଟାଙ୍କି ନିର୍ମାଣ ହୋଇଛି। ଏହି ପାଣି ଟାଙ୍କିରୁ ପ୍ରତି ସାହିକୁ ପର୍ଯ୍ୟାୟକ୍ରମେ ଜଳ ଯୋଗାଣ ହୋଇଥାଏ। ମାତ୍ର ଜଳଯୋଗାଣ ହେବା ଦିନଠାରୁ ଆସ୍ତେ ଆସ୍ତେ ପାଣି ଚୋରି ବଢ଼ିବାରେ ଲାଗିଛି। ସ୍ଥିତିବାନ ଲୋକମାନେ ମାଟି ତଳେ ମୋଟର ଲଗାଇ ପାଣି ଚୋରି କରିବାରେ ଲାଗିଛନ୍ତି। ଏହି ମୋଟର ସମସ୍ତ ପାଣି ଟାଣି ନେଉଥିବାରୁ ସାଧାରଣ ଲୋକଙ୍କ ପାଇଁ ନିର୍ମାଣ ହୋଇଥିବା ଷ୍ଟାଣ୍ଡପୋଷ୍ଟରେ ପାଣି ବାହାରୁ ନାହିଁ। ଫଳରେ ଥିଲା ବାଲାଙ୍କ ଘରେ ପାଣି ଭାସୁଥିବା ବେଳେ ସାଧାରଣ ଲୋକମାନେ ପାଣି ଟୋପେ ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରିସ୍ଥଳେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ଅସହାୟ ଅବସ୍ଥାରେ ହାତଟେକି ଦେଇଛି। ଜନଅସନ୍ତୋଷ ଏତେ ତୀବ୍ର ହୋଇଛି ଯେ ଗଡ଼ ଭିତର ସାହିର ଯୁବକମାନେ ସମ୍ପୂର୍ଣ୍ଣ ପାଣି ବନ୍ଦ କରିବାକୁ ପମ୍ପ ଡ୍ରାଇଭରକୁ କହୁଛନ୍ତି। ବଡ଼ ଗଉଡ଼ ସାହିର ମହିଳାମାନେ ଗରାବାଲ୍‌ଟି ରାସ୍ତାରେ ରଖି ମଙ୍ଗଳବାର ଫତେଗଡ଼-ଭାପୁର ମୁଖ୍ୟ ରାସ୍ତା ରୋକ କରିଥିଲେ। ଦୁଇ ତିନି ଦିନ ମଧ୍ୟରେ ଜଳଯୋଗାଣ ସ୍ୱାଭାବିକ ନହେଲେ ଜନସାଧାରଣଙ୍କ ଅସନ୍ତୋଷ ଆହୁରି ତୀବ୍ର ହେବ। ଏନେଇ ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀ ନୃସିଂହ ଦାସ କହିଛନ୍ତି, ଆମର ସମସ୍ତ ବ୍ୟବସ୍ଥା ଠିକ ରହିଛି। ପାଣି ଚୋରି ବନ୍ଦ ପାଇଁ ପୁଲିସ ଓ ଜନପ୍ରତିନିଧି ସହଯୋଗ କଲେ ଜନସାଧାରଣ ଠିକ୍ ସେ ପାନୀୟଜଳ ପାଇପାରିବେ। ଫତେଗଡ଼ ସରପଞ୍ଚ ମଞ୍ଜୁଲତା ସେଠୀ କୁହନ୍ତି, ପୁଲିସ ସହାୟତାରେ ଅବୈଧ ପାଣି ଚୋରି ରୋକିବା ପାଇଁ ପଦକ୍ଷେପ ନିଆଯାଇ ଦୁଇ ଦିନ ମଧ୍ୟରେ ଜଳଯୋଗାଣ ସ୍ୱାଭାବିକ କରାଯିବ।

ରଣପୁରରେ ବିଜେଡିର ରଣହୁଙ୍କାର

# ଡବଲ୍ ଶଙ୍ଖରେ ଭୋଟ ଦେବାକୁ ଆହ୍ୱାନ





● 'ନବୀନଙ୍କ ପାଇଁ ବିକଶିତ ହୋଇଛି ରଣପୁର'
● ଅରୂପ ଓ ସତ୍ୟନାରାୟଣଙ୍କ ପାଇଁ ମଇଦାନରେ ଅରୁଣ

ରଣପୁର, ୪।୪(ସମିସ): ନୟାଗଡ଼ ଜିଲ୍ଲା ତଥା ପୁରୀ ସଂସଦୀୟ କ୍ଷେତ୍ର ଅଧୀନସ୍ଥ ରଣପୁର ନିର୍ବାଚନମଣ୍ଡଳୀରେ ଆଜି ବିଜେଡି ରଣହୁଙ୍କାର ଦେଇଛି। ମା' ମଣିନାଗ ପୀଠରୁ ପୂଜାର୍ଚ୍ଚନା ପରେ ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକ ଏବଂ ବିଧାୟକ ପ୍ରାର୍ଥୀ ସତ୍ୟନାରାୟଣ ପ୍ରଧାନ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ଉଭୟ ପ୍ରାର୍ଥୀଙ୍କୁ ବିଜୟୀ କରିବା ଏବଂ ଡବଲ ଶଙ୍ଖରେ ଭୋଟଦେବା ଆହ୍ୱାନ ଦେଇ ମଇଦାନରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ପହଞ୍ଚିଛନ୍ତି। ମଣିନାଗ ପୀଠଠାରେ ଅନୁଷ୍ଠିତ ସଭାରେ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ନୟାଗଡ଼ ଜିଲ୍ଲାର ବରିଷ୍ଠ ବିଜେଡି ନେତ୍ରୀ ଇରାନୀ ରାୟ ପ୍ରମୁଖ ଯୋଗ ଦେଇଥିଲେ। ଏହି ସଭାରେ ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋତେ ଜନସେବା କରିବାର ଦାୟିତ୍ୱ ଦେଇଛନ୍ତି। ଏହି ଅବସରରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟ ଉପରେ ଅଭିଭାଷଣ ରଖିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଦାସର୍ବଦା ରଣପୁର ମାଟିକୁ ଭଲ ପାଇ ଆସିଛନ୍ତି। ରଣପୁରର ବିକାଶ ପାଇଁ ସେ ଅନେକ ପ୍ରକଳ୍ପ ଅନୁମୋଦନ କରିଛନ୍ତି। ରଣପୁର ନିର୍ବାଚନ ମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ଭାବେ ଲଢୁଥିବା ସତ୍ୟନାରାୟଣ ପ୍ରଧାନ ଜଣେ ଭଦ୍ର ଓ ଅମାୟିକ ବ୍ୟକ୍ତିତ୍ୱ ବୋଲି ଡ. ସାହୁ ପ୍ରକାଶ କରିଥିଲେ। ଆଗାମୀ ଦିନରେ ବିଜୁ ଜନତା ଦଳକୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ସେ ନେତା ଓ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ସଭାରେ ରଣପୁର ବିଧାନସଭା ମଣ୍ଡଳୀର ରଣପୁର ବ୍ଲକର ୩୭ଟି ପଞ୍ଚାୟତ ଓ ଓଡ଼ଗାଁ ବ୍ଲକର ୧୮ଟି ପଞ୍ଚାୟତ ମଧ୍ୟରୁ ଅନେକ ସରପଞ୍ଚ, ସମିତିସଭ୍ୟଙ୍କ ସହ ହଜାର ହଜାର ବିଜେଡି କର୍ମୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଣପୁର ବିଜେଡି ବ୍ଲକ ସଭାପତି ସଚିକାନ୍ତ ଷଡ଼ଙ୍ଗୀ, ରଣପୁର ଏନ୍‌ଏସି ଅଧ୍ୟକ୍ଷା ରଙ୍ଗୀନ ମହାନ୍ତି, ବିଜେଡି ଯୁବ ସଭାପତି ଆକାଶ କୁମାର ପାଣି, ନର୍ମଦା ରାୟ, କିଶୋର ପଟ୍ଟନାୟକ, ପ୍ରଭାତ କୁମାର ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ଘର ତାଲା ଭାଙ୍ଗି ଚୋରି, ପୁଲିସର ତଦନ୍ତ

ବେଗୁନିଆ, ୪।୪(ସମିସ); ବେଗୁନିଆ ଥାନା ଅନ୍ତର୍ଗତ ଶାମୁକାପାଟଣା ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଦୁଇ ଜଣଙ୍କ ଘରର ତାଲା ଭାଙ୍ଗି ଚୋରି ହୋଇଥିବାର ପୁଲିସ ନିକଟରେ ଅଭିଯୋଗ ହୋଇ ନ ଥିବାର ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା କହିଛନ୍ତି। ପ୍ରକାଶ ଥାଉକି ବୁଧବାର ବିଳମ୍ବିତ ରାତିରେ ଶାମୁକାପାଟଣା ଗ୍ରାମର ପବିତ୍ର ମହାପାତ୍ର ଓ ତାଙ୍କ ଭାଇ ସଚ୍ଚି ମହାପାତ୍ରଙ୍କ ଘର ତାଲା ଭାଙ୍ଗି ଲୁଟେରାମାନେ ବିଭିନ୍ନ ଆସବାବପତ୍ର ସହ ପିତ୍ତଳ ସାମଗ୍ରୀ ଚୋରି କରିଥିବା ବେଳେ ପଡୋଶୀ ଧରଣୀଧର ମହାପାତ୍ର ଘରେ ପଶି ବିଭିନ୍ନ ସାମଗ୍ରୀ ଚୋରି କରି ନେଇଥିଲେ। ଏଥିରେ ଖବର ପାଇ ବେଗୁନିଆ ଥାନା ଅଧିକାରୀ ଶ୍ରୀ ପଣ୍ଡା ଓ ଧଳା ପଥର ଫାଣ୍ଡି ପୁଲିସ ପହଞ୍ଚି ଘଟଣାର ସତ୍ୟତା ଅନୁଧ୍ୟାନ କରିଥିଲେ।

ସୂଚନା ଥାଉକି ଗତ ମାର୍ଚ୍ଚ ମାସ ୨୨ ତାରିଖ ଦିନ ବିଳମ୍ବିତ ରାତ୍ରରେ ସାଲତରା ଗ୍ରାମର ପ୍ରକାଶ ପଣ୍ଡାଙ୍କ ଘରୁ ନଗଦ ୫୫ ହଜାର ଟଙ୍କା ସହ ସୁନା ରୂପା ଅଳଙ୍କାର, ଗେଡ଼ିଆପଲ୍ଲୀ ଗ୍ରାମର ସ୍ୱର୍ଗତ ଦିଲ୍ଲୀପ କୁମାର ବେହେରାଙ୍କ ଘରୁ ବାସନକୁସନ ଓ ଅବସରପ୍ରାପ୍ତ ବିଚାରପତି ନୀଳକଣ୍ଠ ତ୍ରିପାଠୀଙ୍କ ଘରର ତାଲା ଭାଙ୍ଗି ଦେଇ ଆସବାବ ପତ୍ର ଏଣେ ତେଣେ ବିକ୍ଷିପ୍ତ ଅବସ୍ଥାରେ ପକାଇ ଦେଇ ପଳାଇ ଯାଇଥିଲେ।ତେବେ ଅଞ୍ଚଳରୁ ବାରମ୍ବାର ଚୋରି ହେଉଥିବାରୁ ପୁଲିସ ପାଇଁ ମୁଣ୍ଡ ବିନ୍ଧାର କାରଣ ହୋଇଛି।

# ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ସାଂସଦ ପ୍ରାର୍ଥୀଙ୍କୁ ସ୍ୱାଗତ

ଖୋର୍ଦ୍ଧା, ୪।୪(ସମିସ)




ବିଜେଡି ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟଙ୍କୁ ଗୁରୁବାର ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ଦଳୀୟ କର୍ମୀମାନେ ସ୍ୱାଗତ କରିଛନ୍ତି। ସ୍ଥାନୀୟ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ରଙ୍କ ସଭାପତିତ୍ୱରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ରୁପଶ୍ରୀରାଣୀ ଗୁମାନସିଂହ, ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ଜିଲ୍ଲାପରିଷଦ ସଭ୍ୟ ପ୍ରଫୁଲ୍ଲ କୁମାର ଦଳେଇ, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟଙ୍କ ସମେତ ପୌରପରିଷଦ ଓ ବ୍ଲକ କର୍ମୀମାନେ ଉପସ୍ଥିତ ରହି ସାଂସଦ ପ୍ରାର୍ଥୀ ଶ୍ରୀ ରାଉତରାୟଙ୍କୁ ସ୍ୱାଗତ କରିଥିଲେ।

ଏହି ଅବସରରେ ଶ୍ରୀ ରାଉତରାୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ଲାଗି ମୁଖ୍ୟମନ୍ତ୍ରୀ କରିବା ସହ ସମସ୍ତ କର୍ମୀ ଏକ ହୋଇ ତୃଣମୂଳସ୍ତରରେ କାର୍ଯ୍ୟ କରିବାକୁ ଉପସ୍ଥିତ ନେତା ଓ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୀର୍ଘମିଆଦି ଲକ୍ଷ୍ୟ ଓ ଯୁବକମାନଙ୍କ ଲାଗି ବିଭିନ୍ନ ଯୋଜନା କରିବାର କୌଶଳ ସମସ୍ତଙ୍କୁ ଆକର୍ଷଣ କରିଥିବା ବେଳେ ଏଥିରେ ମୁଁ ମଧ୍ୟ ଆକୃଷ୍ଟ ହୋଇଥିବା କହିଥିଲେ।

ଏଥିସହିତ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ଓ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ନିର୍ବାଚନକୁ ଆଉ ଅଳ୍ପ ସମୟ ରହିଥିବା ବେଳେ ସମସ୍ତେ ଏବେ ଠାରୁ ଲୋକଙ୍କ ନିକଟତର ହୋଇ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାକୁ ପହଁଞ୍ଚାଇବାକୁ କହିଥିଲେ। ଗତ ୫ବର୍ଷ ଅପେକ୍ଷା ଭୁବନେଶ୍ୱର ସଂସଦୀୟ କ୍ଷେତ୍ରକୁ ଆଗରେ ରଖିବା ଲାଗି ସେ ସମସ୍ତଙ୍କ ଉଦ୍ୟମ ଜରୁରୀ ବୋଲି କହିଥିଲେ। ଅନ୍ୟମାନଙ୍କ ଭଳି ମିଛ ବାହାସ୍ଫୋଟ ମାରି ଫଲସ୍ ରିପୋର୍ଟ କାର୍ଡ ଦେବା ଅପେକ୍ଷା ଆମେ କାମରେ ବିଶ୍ୱାସ କରୁ ବୋଲି ଶ୍ରୀ ରାଉତରାୟ ଗଣମାଧ୍ୟମକୁ କହିଥିଲେ।

● ମନ୍ମଥଙ୍କ ଟାର୍ଗେଟରେ ଅପରାଜିତା

## ବିକାଶ କମ୍, ସୋସିଆଲ ମିଡିଆରେ ପ୍ରଚାର ବେଶି

ଖୋର୍ଦ୍ଧା: ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ତେରଛା ବାଣ ମାରିଲେ ବିଜେଡି ନେତା ମନ୍ମଥ ରାଉତରାୟ। ସେ କହିଛନ୍ତି, ଭୁବନେଶ୍ୱର ବିକାଶରେ ବାଧକ ସାଜିଛନ୍ତି ସାଂସଦ ଷଡ଼ଙ୍ଗୀ। ସେ କେବଳ ସୋସିଆଲ ମିଡିଆରେ ନିଜ ପ୍ରଚାର ପ୍ରସାର ଛଡା କୌଣସି କାର୍ଯ୍ୟ କରୁନାହାନ୍ତି। ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରେ ଗୁରୁବାର ମନ୍ମଥଙ୍କୁ ସ୍ୱାଗତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବେଳେ ଗଣମାଧ୍ୟମକୁ ପ୍ରତିକ୍ରିୟାରେ ଏହା କହିଛନ୍ତି ମନ୍ମଥ। ଶ୍ରୀ ରାଉତରାୟ କହିଛନ୍ତି, ସାଂସଦ ଅପରାଜିତା ଲିଙ୍ଗରାଜ ମନ୍ଦିର ଆକ୍ଟକୁ ଅଟକାଇ ରଖିଥିବା ବେଳେ କ୍ୟାପିଟାଲ ରିଂ ରୋଡ୍ ପ୍ରକଳ୍ପକୁ ଅଟକାଇ ରଖିଛନ୍ତି। ସେହିଭଳି ଆବାସ ଯୋଜନା ଓ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜନୀତି କାର୍ଡ ଖେଳୁଛନ୍ତି ବୋଲି ସିଧା ଟାର୍ଗେଟ କରିଛନ୍ତି। ସେହିପରି ପୂର୍ବରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ବିରୋଧ କରି ନିରାଶ ହେବା ପରି ମେଟ୍ରୋ ପ୍ରକଳ୍ପକୁ ମଧ୍ୟ ବିରୋଧ କରିଥିଲେ। ଏହାର କୌଣସି ପ୍ରଭାବ ପଡ଼ିବନି ବୋଲି କହିଛନ୍ତି ମନ୍ମଥ। ଅପରାଜିତା ଲୋକଙ୍କ ସାଥୀରେ ନରହି ମନ୍ତ୍ରୀ ହେବା ପାଇଁ ଦିଲ୍ଲୀରେ ରହୁଛନ୍ତି। ପ୍ରତିବର୍ଷ ଦେଉଥିବା ରିପୋର୍ଟ କାର୍ଡରେ ମିଥ୍ୟା ତଥ୍ୟ ଦେଉଛନ୍ତି। ସାଂସଦ କହୁଛନ୍ତି ସେ ୧୨ ହଜାର ଅଭିଯୋଗର ଶୁଣାଣି କରିଛନ୍ତି। କିନ୍ତୁ ତା'ର ତଥ୍ୟ ପ୍ରଦାନ କରୁନାହାନ୍ତି କାହିଁକି। ସେହିଭଳି ଏନଜିଓ କରି ଲୋକଙ୍କୁ ସାହାଯ୍ୟ କରୁଥିବା କହି ବୁଲୁଛନ୍ତି। ତାହାର ମଧ୍ୟ ତଥ୍ୟ ଦେଉନାହାନ୍ତି କାହିଁକି ବୋଲି ପ୍ରଶ୍ନ ଉଠାଇଛନ୍ତି ମନ୍ମଥ।

# ଶ୍ରୀ ଉମାମହେଶ୍ୱର ଦେବଙ୍କ ପୀଠରେ ଅଷ୍ଟଶମ୍ଭୁ ମିଳଣ ପ୍ରସ୍ତୁତି ବୈଠକ



ବାଲୁଗାଁ, ୪।୪(ସମିସ): ଆଗାମୀ ଓଡ଼ିଆ ନବ ବର୍ଷ ତଥା ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ବାଲୁଗାଁ ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଶ୍ରୀଉମାମହେଶ୍ୱର ଦେବଙ୍କ ପୀଠରେ ଦୁଇ ଦିନ ବ୍ୟାପି ହେବାକୁ ଥିବା ଅଷ୍ଟଶମ୍ଭୁ ମେଳଣ ମହୋତ୍ସବର ପ୍ରସ୍ତୁତି ବୈଠକ ମନ୍ଦିର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଅଷ୍ଟଶମ୍ଭୁ ମେଳଣ କମିଟିର ସଭାପତି ତଥା ମନ୍ଦିର ଟ୍ରଷ୍ଟି ଦାୟିତ୍ୱରେ ଥିବା ଚିଲିକା ତହସିଲଦାର ଚକ୍ରଧର ପାଢିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଭାଗୀୟ ପ୍ରଶାସନିକ ଅଧିକାରୀ, ଯୋଗ ଦେଉଥିବା ସମସ୍ତ ଦେବଦେବୀଙ୍କ ମନ୍ଦିର ପ୍ରତିନିଧି ଓ କମିଟିର ସମସ୍ତ ସଦସ୍ୟ ଯୋଗ ଦେଇ ପାରମ୍ପରିକ ରୀତିନୀତି ସହ ବିଭିନ୍ନ ସାଜସଜ୍ଜା, ପାଟପଟୁଆର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ମହାଆଡମ୍ବର ସହକାରେ ଯାତ୍ରା ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି।

ଚଳିତ ଏପ୍ରିଲ ମାସ ୧୪ ତାରିଖ ରାତ୍ରରେ ଏହି ମେଳଣ ଉତ୍ସବର ସ୍ଥାନାଧିପତି ଶ୍ରୀଉମାମହେଶ୍ୱର ଦେବଙ୍କ ନିମନ୍ତ୍ରଣ କ୍ରମେ ଦେବଦେବୀମାନେ ପାଟ ପଟୁଆର ସହ ଆଗମନ କରିବାକୁ ଥିବା ବେଳେ ରାତ୍ର ତମାମ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ଏବଂ ୧୫ ତାରିଖ ଅପରାହ୍ନରେ ଠାକୁରମାନଙ୍କ ମହା ମେଳନ ଉତ୍ସବ ଅନୁଷ୍ଠିତ ହେବାର ନିତି ନିର୍ଘଣ୍ଟ ବୈଠକରେ ନିଷ୍ପତି ହୋଇଛି।

ଏହି ବୈଠକରେ ପ୍ରଶାସନ ତରଫରୁ ବାଲୁଗାଁ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଣନାଥ ସେଠ ଯୋଗ ଦେଇ ଏନ୍ଏସି ତରଫରୁ ଆବଶ୍ୟକୀୟ ସମସ୍ତ ସହଯୋଗ କରାଯିବ ବୋଲି କହିଥିବା ବେଳେ ପୁଲିସ ପ୍ରଶାସନ ତରଫରୁ ଥାନା ଅଧିକାରୀଙ୍କ ଅନୁପସ୍ଥିତିରେ ଏସଆଇ ଶ୍ରୀନିବାସ ସାମନ୍ତ ଯୋଗଦେଇ ଶାନ୍ତିଶୃଙ୍ଖଳା ରକ୍ଷା ଲଗି ବ୍ୟାପକ ପୁଲିସ ମୁତୟନ କରାଯିବ ବୋଲି କହିଥିଲେ। ଏହି ପ୍ରସ୍ତୁତି ବୈଠକରେ କମିଟିର ଉପଦେଷ୍ଟା ତଥା ବାଲୁଗାଁ ଏନ୍ଏସି ଅଧ୍ୟକ୍ଷାଙ୍କ ପ୍ରତିନିଧି ଶଙ୍କର ପାଇକରାୟ, ମନ୍ଦିରର ଟ୍ରଷ୍ଟି ମେମ୍ବରଙ୍କ ସମେତ କମିଟିର କାର୍ଯ୍ୟକାରୀ ସଭାପତି ସୁକଦେବ ମହାରଣା, ସମ୍ପାଦକ କୃଷ୍ଣଚନ୍ଦ୍ର ବେହେରା, ପ୍ରକାଶ ପ୍ରଧାନ, ବିଜୟ ନାୟକ, ଆର୍ତ୍ତତ୍ରାଣ ଜାଲି, କେଦାର ଶ୍ୱର ପଣ୍ଡା, ଶିବ ଶଙ୍କର ପଣ୍ଡା, ସୁରେନ୍ଦ୍ର ଲେଙ୍କା ଆଦି ବହୁ କର୍ମକର୍ତ୍ତାମାନେ ଉପସ୍ଥିତ ରହି ନିଜ ନିଜର ମତ ରଖିଥିଲେ।

# ଦୁର୍ଘଟଣାଗ୍ରସ୍ତ ଯୁବକଙ୍କ ମୃତ୍ୟୁ

ନିରାକାରପୁର, ୪।୪(ସମିସ): ଖୋର୍ଦ୍ଧା ଜିଲ୍ଲା ମଳିପଡ଼ା ଗ୍ରାମର ଜଣେ ଦୁର୍ଘଟଣାଗ୍ରସ୍ତ ଯୁବକଙ୍କ ଗୁରୁବାର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ କି ଗ୍ରାମର ବାସୁଦେବ ମାର୍ଥାଙ୍କ ଗତ ୨ ତାରିଖରେ ଗୋଡ଼ିପଡ଼ା ଟୋଲ୍ ଗେଟ୍ ନିକଟରୁ ଘରକୁ ବାଇକ୍ ଯୋଗେ ଫେରୁଥିବା ବେଳେ ମଳିପଡ଼ା ଓଭରବ୍ରିଜ୍ ନିକଟରେ କୌଣସି ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ବାସୁଦେବଙ୍କୁ ଭୁବନେଶ୍ୱର ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି। ସେ ଜଣେ ସମାଜସେବୀ ଉଦୀୟମାନ ଯୁବକ ଅଟନ୍ତି। ସେ ଗୋ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିଲେ। ସେ ଜଣେ ମେଳାପୀ, ସରଳ ବିଶ୍ୱାସୀ ଯୁବକ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ଗଣ୍ୟମାନ୍ୟବ୍ୟକ୍ତି ଆସି ତାଙ୍କର ଶେଷ ଦର୍ଶନ କରିଥିଲେ।

# ଶ୍ରଦ୍ଧାଞ୍ଜଳି ସଭା ଓ ବାଲୁକା ପ୍ରତିମୂର୍ତ୍ତି ସ୍ଥାପନ



ବେଗୁନିଆ, ୪।୪(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ସିମୋର ଗ୍ରାମସ୍ଥିତ ଆୟୁର୍ବେଦିକ ଚିକିତ୍ସକ ସୋମନାଥ ମହାପାତ୍ରଙ୍କ ଧର୍ମପତ୍ନୀ ସ୍ୱର୍ଗତ ଶାନ୍ତିଲତା ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା ଓ ବାଲୁକା ପ୍ରତିମୂର୍ତ୍ତି ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

ଏଥିରେ ବିଜେଡ଼ି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ଶିକ୍ଷାବିତ ଗୌର ଚରଣ ପ୍ରହରାଜ, ଭଗବାନ ପଣ୍ଡା, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ସମିତି ସଭ୍ୟ ନଳିନୀ ଦେବୀ, ସମାଜସେବୀ ସୁଶାନ୍ତ କୁମାର ସାହୁ, ନବ କିଶୋର ଖୁଣ୍ଟିଆ, ଶିଶିର କୁମାର ଆଚାର୍ଯ୍ୟ ଓ ପ୍ରଶାନ୍ତ କୁମାର ବାରିକଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ମାନ୍ୟଗଣ ବ୍ୟକ୍ତି ମାନେ ଯୋଗ ଦେଇ ବାଲୁକାରେ ନିର୍ମିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ପୁଅ ଅଜୟ କୁମାର ମହାପାତ୍ର ପରିଚାଳନା କରିଥିବା ବେଳେ ବଡପୁଅ ବଲ୍ଲଭ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସ୍ମୃତି ଶ୍ରଦ୍ଧାଞ୍ଜଳି ପୁସ୍ତକ ଅତିଥିମାନେ ଉନ୍ମୋଚନ କରିଥିଲେ।

# ଛାତ୍ରଛାତ୍ରୀଙ୍କ ଉନ୍ନତି ହେଲେ ଦେଶ ପୂର୍ଣ୍ଣ ବିକଶିତ ହେବ

● ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳନ



ଖୋର୍ଦ୍ଧା, ୪।୪(ସମିସ): ଖୋର୍ଦ୍ଧା ପୌରପାଳିକା ଅନ୍ତର୍ଗତ ସାମନ୍ତରାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଭୂପ୍ରସାଦ ହରିଚନ୍ଦନ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଐତିହାସିକ ସତ୍ୟବାଦୀ ବଳିୟାରସିଂହ ଯୋଗଦେଇ ଛାତ୍ରଛାତ୍ରୀମାନେ ଆମ ଦେଶର ସମ୍ପତି ବୋଲି ମତ ରଖିଥିଲେ। ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ହୋଇପାରିଲେ ଦେଶ ପୂର୍ଣ୍ଣ ବିକଶିତ ହୋଇପାରିବ ବୋଲି ମତ ରଖିଥିଲେ। ମୁଖ୍ୟବକ୍ତା ଭାବରେ ଆମରି ସତ୍ୟର ପ୍ରତିଷ୍ଠାତା ତଥା ପ୍ରାକ୍ତନ ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ଦାଶ ଯୋଗଦେଇ ପିଲାମାନଙ୍କ ଚରିତ୍ର ଗଠନରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଗୁରୁ ଦାୟିତ୍ୱ ଥିବା କଥା କହିଥିଲେ। ସମ୍ମାନୀତ ଅତିଥି ଡ.ନିରଞ୍ଜନ ମହାନ୍ତିଙ୍କ ମତରେ ଶିଶୁ ହସିଲେ ଦୁନିଆ ହସେ। ତେଣୁ ଶିଶୁ ସମ୍ପଦକୁ ସର୍ବାଗ୍ରେ ଗୁରୁତ୍ୱ ଦେବା ପାଇଁ ପିତାମାତା ଓ ଅଭିଭାବକଙ୍କୁ ଆହ୍ୱାନ ଦେଇଥିଲେ।

ଅନ୍ୟତମ ଅତିଥି ଡ.ପ୍ରଫୁଲ ସାମନ୍ତରାୟ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ପିଲାମାନଙ୍କର ପ୍ରତିଭାକୁ ଚିହ୍ନଟ କରାଯାଇ ସେମାନଙ୍କୁ ଆବଶ୍ୟକୀୟ ପ୍ରୋତ୍ସାହନ ଦିଆଗଲେ ସେମାନେ ଭବିଷ୍ୟତରେ ଆମର ସୁଯୋଗ୍ୟ ଦାୟାଦ ହେବାସହ ଦେଶ ଓ ଜାତିର ନାମ ରଖିପାରିବେ ବୋଲି ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ ସଭ୍ୟା ତଥା ସଭାପତି ସୁକାନ୍ତ ପୃଷ୍ଟି ପୂର୍ଣ୍ଣ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ସ୍ନେହଲତା ହୋତା, କୁମୁଦିନୀ ବେହେରା, ଅଭିରାମ ପଣ୍ଡା, ସୁଜାତା ମିଶ୍ର, ଶୁଭସ୍ମିତା ବେହେରା ଓ କୁସୁମ ପଧାନ ପ୍ରଭୃତି ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ବାଳିକା ବିଭାଗରେ ମାମୁନି ବେହେରା ଓ ବାଳକ ବିଭାଗରେ ସୂର୍ଯ୍ୟପ୍ରତାପ ମହାରଣାଙ୍କୁ ଶ୍ରେଷ୍ଠ ଅଲ୍‌ରାଉଣ୍ଡର ପୁରସ୍କାର ପ୍ରଦାନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ କ୍ଷଣପ୍ରଭା ସାହୁ ପରିଚାଳନା କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ନମିତାରାଣୀ ରାୟସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ରଘୁ-ଦିବାକରଙ୍କ ପାଇଁ ଖୋର୍ଦ୍ଧା ଗର୍ବିତ

ସହିଦ ରଘୁ-ଦିବାକରଙ୍କ ଫାଶୀ ଦିବସ



ଖୋର୍ଦ୍ଧା, ୪।୪(ସମିସ): ସ୍ଥାନୀୟ ବିଜେବି ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ପ୍ରଭାକର ସାହୁଙ୍କ ପୌରୋହିତ୍ୟରେ ରଣପୁର ପ୍ରଜା ଆନ୍ଦୋଳନର ଅମର ଶହୀଦ ରଘୁ-ଦିବାକରଙ୍କ ୮୪ତମ ଫାଶୀ ଦିବସ ପାଳିତ ହୋଇଯାଇଛି। ଖୋର୍ଦ୍ଧାର ବୁଦ୍ଧିଜୀବୀ ତଥା ହାଇସ୍କୁଲର ଛାତ୍ରମାନଙ୍କ ଦ୍ୱାରା ସହିଦ ଦ୍ୱୟଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ ଦେଶମାତୃକା ପାଇଁ ସେମାନଙ୍କ ବଳିଦାନ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଐତିହାସିକ ସତ୍ୟବାଦୀ ବଳିଆରସିଂହ ଯୋଗଦେଇ ୧୯୩୯ ଜାନୁଆରୀ ୫ ତାରିଖ ପୂର୍ବାଞ୍ଚଳ ରାଜ୍ୟ ସମୂହର ପଲିଟିକାଲ ଏଜେଣ୍ଟ ମେଜର ଆର.ଏଲ. ବେଜେଲଗେଟ୍ ରଣପୁର ଆସି ପ୍ରଜାଙ୍କ ଠେଙ୍ଗା ମାଡ଼ରେ ନିହତ ହୋଇଥିଲେ। ବେଜେଲଗେଟ୍ ହତ୍ୟାକାଣ୍ଡ ଘଟଣା ସାରା ଦେଶରେ ଚହଳ ପଡ଼ିଗଲା। ଏହାପରେ ଏହି ହତ୍ୟାକାଣ୍ଡରେ ବିପ୍ଳବୀ ରଘୁନାଇ ମହାନ୍ତି ଓ ଦିବାକର ପରିଡ଼ାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ୧୯୪୧ ଏପ୍ରିଲ ୪ରେ ବିହାରର ଭାଗଲପୁର ଜେଲରେ ଫାଶୀରେ ଝୁଲାଇ ଦିଆଯାଇଥିଲା। ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ରଣପୁର ପ୍ରଜା ଆନ୍ଦୋଳନ ଏକ ଯୁଗାନ୍ତକାରୀ ଅଧ୍ୟାୟ। ବିପ୍ଳବୀ ରଘୁ-ଦିବାକରଙ୍କ ରଣ ହୁଙ୍କାର କେବଳ ରାଜ ଶାସନ ନୁହେଁ ଇଂରେଜ ଶାସନକୁ ମଧ୍ୟ ଦୋହଲାଇ ଦେଇଥିଲା।

ଏହି କାର୍ଯ୍ୟକ୍ରମରେ କଳିଙ୍ଗ ପାଇକ ସଂଗଠନର ସଭାପତି ଭୀମସେନ ପ୍ରଧାନ, ଉପସଭାପତି କୁମାର ପ୍ରଫୁଲ୍ଲ ସାମନ୍ତରାୟ, ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଐତିହ୍ୟ ଗବେଷକ ବୈକୁଣ୍ଠନାଥ ରାଜଗୁରୁ, ଖୋର୍ଦ୍ଧା ସାହିତ୍ୟ ସଂସଦର ସଭାପତି ଗୋପାଳକୃଷ୍ଣ ଦାସ, ସଂଗ୍ରାହକ ବିମଳ ଚନ୍ଦ୍ର ଷଡଙ୍ଗୀ, ପୂର୍ବତନ ଏସ୍‌ପି ଦେବପ୍ରସାଦ ମଜୁମଦାର, ଯୋଗ ପ୍ରଶିକ୍ଷିକା ଇତିଶ୍ରୀ ସାହୁ, ସ୍ତମ୍ଭକାର ସମରେନ୍ଦ୍ର ବଳିଆରସିଂହ ପ୍ରମୁଖ ଶହୀଦ ଦ୍ୱୟଙ୍କ ସ୍ମୃତିଚାରଣ କରିଥିଲେ। ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲରେ ଉଭୟ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ା ଅଧ୍ୟୟନ କରିଥିଲେ। ସେମାନଙ୍କ ପାଇଁ ଖୋର୍ଦ୍ଧାବାସୀ ଗର୍ବିତ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ବିଜେବି ହାଇସ୍କୁଲର ଶିକ୍ଷକ ବିଭୁ ପ୍ରସାଦ ସେନାପତି, ନବକିଶୋର ମିଶ୍ର, ଅଞ୍ଜନ କୁମାର ରାୟ, ପୁଷ୍ପଲତା ପାତ୍ର, ଚିନ୍ମୟ ମାର୍ଥା, ରୋଜାଲିନ୍ ରାଉତରାୟ, ବିଭୁପ୍ରସାଦ ପଣ୍ଡା, ବିଷ୍ଣୁପ୍ରିୟା ସାହୁ, ମହମ୍ମଦ ଅତିବୁଦ୍ଦିନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ବାଲୁଗାଁ ଅଞ୍ଚଳରୁ ଗାଈ ଚୋରି ବୃଦ୍ଧି

# କାର୍ଯ୍ୟାନୁଷ୍ଠାନ ଦାବିକଲେ ବଜରଙ୍ଗ ଦଳ

ବାଲୁଗାଁ, ୪।୪ (ସମିସ)



ବାଲୁଗାଁ ଅଞ୍ଚଳରେ ଗାଈ ମାଲିକମାନେ ଗୋରୁଗାଈଙ୍କୁ ଘରେ ନରଖି ଛାଡି ଦେଉ ଥିବା ସହ ବାଲୁଗାଁ ଅଞ୍ଚଳରେ ପ୍ରାଣୀମାନଙ୍କ ପାଇଁ ଆଶ୍ରୟସ୍ଥଳୀ ନଥିବାରୁ ବହୁ ଗାଈଗୋରୁ ରାତିରେ ରାସ୍ତା ଉପରେ ବିଶ୍ରାମ ନେଉ ଥିବାର ଦେଖିବାକୁ ମିଳୁଛି। ବିଗତ କିଛି ମାସ ଧରି ବାଲୁଗାଁ ଅଞ୍ଚଳରେ ମଧ୍ୟରାତ୍ରିରେ ବିଶ୍ରାମ ନେଉଥିବା ଗାଈଗୋରୁଙ୍କୁ କିଛି ଗୋମାଫିଆ ଦଳ ଅତି ନୃଶଂସ ଭାବେ ଗୋଡ ହାତ ବାନ୍ଧି ଗାଡିରେ ନେଇ ହତ୍ୟାକରି ବେଆଇନ ଭାବେ ଗୋମାଂସ ବିକ୍ରି କରୁଥିବା ନେଇ ପୁଲିସ ଓ ଜିଲ୍ଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ହୋଇ ଆସୁଛି। ଏପରି ସ୍ଥଳେ କିଛି ଦିନ ପୂର୍ବେ ବାଲୁଗାଁ ପୁଲିସ ଷ୍ଟେସନର ଅନତି ଦୂର ରାସ୍ତାରୁ ଏକ ଗାଈକୁ ଗୋ ମାଫିଆ ଚୋରି କରି ଗାଡିରେ ନେଉଥିବା ଏକ ଦୋକାନ ର ସିସିଟିଭି ଫୁଟେଜ ଭାଇରାଲରୁ ଘଟଣା ସମ୍ପର୍କରେ ଜଣାପଡ଼ି ଥିଲା। ଏନେଇ ନାଚୁଣି ପୁଲିସକୁ ବଜରଙ୍ଗ ଦଳ ପକ୍ଷରୁ ଅବଗତ କରାଯାଇ ଥିଲେ ସୁଦ୍ଧା ନାଚୁଣି ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଇ ନାହିଁ। ଏହି ପରିପ୍ରେକ୍ଷୀରେ ଉମାମହେଶ୍ୱର ମନ୍ଦିର ପରିସରରେ ଗୋ ସୁରକ୍ଷା ସଂଗଠନ ଓ ବଜରଙ୍ଗ ଦଳ ପକ୍ଷରୁ ବୈଠକ କରାଯାଇ ଘଟଣା ସମ୍ପର୍କରେ ଆଲୋଚନା କରି ବିଧର୍ମୀ ଓ ଅସାମାଜିକ ଲୋକଙ୍କ ଏପରି କାର୍ଯ୍ୟକୁ ତିବ୍ର ବିରୋଧ କରା ଯିବାକୁ ସମସ୍ତେ ଆହ୍ୱାନ ଦେଇଥିଲେ। ବାଲୁଗାଁ ଓ ନାଚୁଣି ଅଞ୍ଚଳରୁ ପ୍ରତିଦିନ ରାତିରେ ରାସ୍ତା କଡରେ ବିଶ୍ରାମ ନେଉଥିବା ଗାଈଗୋରୁଙ୍କୁ ଅତିନିର୍ମମ ଭାବେ ବାନ୍ଧିନେଇ ହତ୍ୟା କରାଯାଉଛି।ପୁଲିସ ପ୍ରଶାସନ ପକ୍ଷରୁ ତୁରନ୍ତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ବର୍ତ୍ତମାନ ସାଧାରଣରେ ଦାବି ହେଉଛି। ଜିଲ୍ଲାପାଳ, ଏସ୍‌ପି, ବିଭିନ୍ନ ଥାନା ଅଧିକାରୀଙ୍କୁ ପ୍ରାଣୀ ନିଷ୍ଠୁରତା ନିରୋଧ ଉପରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ରହିଛି। ଜୀବେ ନିଷ୍ଠୁରତା ନିରୋଧ ଆଇନ ୧୯୬୦ ଅନୁସାରେ ସମସ୍ତ ପୁଲିସ ଥାନା ଅଧିକାରୀ ତୁରନ୍ତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ସୁପ୍ରିମକୋର୍ଟ ଓ କେନ୍ଦ୍ରପ୍ରାଣୀ କଲ୍ୟାଣ ବିଭାଗର ନିର୍ଦ୍ଦେଶ ରହିଛି। କିନ୍ତୁ ବାଲୁଗାଁ ଓ ଆଖପାଖ ଅଞ୍ଚଳରେ ଦୈନନ୍ଦିନ ଏପରି ଘଟଣା ଘଟୁଥିବା ବେଳେ ପୁଲିସ ହାତବାନ୍ଧି ବସିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

# ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମ ଘୋଷଣା ଦାବି



ଖୋର୍ଦ୍ଧା, ୪।୪(ସମିସ): ଖୋର୍ଦ୍ଧା ବ୍ଲକ ତଥା ଜଟଣୀ ନିର୍ବାଚନମଣ୍ଡଳୀର ନାଳିପଡ଼ା ଅର୍ଜୁନପୁର ପଞ୍ଚାୟତ ଅଧିନରେ ଥିବା ଜାଗୁଲେଇପାଟଣା ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମ ଘୋଷଣା ଲାଗି ସ୍ଥାନୀୟ ଲୋକେ ଜିଲ୍ଲାପାଳଙ୍କୁ ଭେଟି ଦାବି କରିଛନ୍ତି। ଏହି ମର୍ମରେ ଗ୍ରାମର ବୈକୁଣ୍ଠନାଥ ମହାପାତ୍ରଙ୍କ ନେତୃତ୍ୱରେ ଗ୍ରାମର ଏକ ପ୍ରତିନିଧିମଣ୍ଡଳୀ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁସାରେ, ୨୦୨୧ ମସିହାରେ ସରକାର ପଡ଼ା ରାଜସ୍ୱ ଗ୍ରାମ ବିଜ୍ଞପ୍ତି ପ୍ରକାଶ କରିଥିଲେ। ୨୦୨୨ରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସରକାର ଜାଗୁଲେଇପାଟଣା ଗ୍ରାମକୁ ରାଜସ୍ୱ ଗ୍ରାମ ଘୋଷଣା ପ୍ରସ୍ତାବ ଦେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପ୍ରଶାସନ ତାହାକୁ ଏଯାବତ ପାଳନ କରୁନଥିବାରୁ ସ୍ଥାନୀୟ ଲୋକଙ୍କ ମନରେ କ୍ଷୋଭ ପ୍ରକାଶ ପାଇଛି। ତେଣୁ ଗୁରୁବାର ଗ୍ରାମବାସୀଙ୍କ ପକ୍ଷରୁ ପୁନର୍ବାର ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଶ୍ରୀ ମହାପାତ୍ରଙ୍କ ସମେତ ମୀନକେତନ ମହାନ୍ତି, ଜଗନ୍ନାଥ ଦାସ, ଭିକାରୀ ବାରିକ, ପବିତ୍ର ପାଲଟାସିଂହ, ଚିଦାନନ୍ଦ ପ୍ରଧାନ, ଜିତେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୭୫ • ପାଉଣ୍ଡ ୧୦୫.୧୭
- ୟୁରୋ ୯୦.୭୨ • ୟେନ୍ ୦.୫୫

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୪,୪୦୦ (ଭୁବନେଶ୍ୱର)
- ରୁପା : ୮୩,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୭୭,୨୨୭.୦୦
- ନିଫ୍ଟି ୨୨,୫୧୪.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ଗୁଗୁଲ୍‌ରେ ସର୍ଚ୍ଚ ପାଇଁ ଲାଗିବ ଚାର୍ଜ

ନୂଆଦିଲ୍ଲୀ,୪।୪(ଏଜେନ୍ସି): ଏଣିକି ସର୍ଚ୍ଚ ଇଞ୍ଜିନ୍ ଗୁଗୁଲ୍‌ରେ କିଛି ବି ସର୍ଚ୍ଚ କରିବାକୁ ହେଲେ ଆପଣଙ୍କୁ ପେମେଣ୍ଟ ଦେବାକୁ ହେବ। ଗୁଗୁଲ ଏପରି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଏନେବଲ୍‌ଡ ସର୍ଚ୍ଚ ଫିଚର ଉପରେ କାମ କରୁଛି, ଯାହା ପାଇଁ ଏହା ଉପଭୋକ୍ତାଙ୍କୁ ଚାର୍ଜ କରିପାରିବ। ଏପରି କରି ଗୁଗୁଲ ସମଗ୍ର ବିଶ୍ୱରେ ରହିଥିବା ଏହାର କୋଟି କୋଟି ଉପଭୋକ୍ତାଙ୍କୁ ଏକ ବଡ଼ ଝଟ୍‌କା ଦେବାକୁ ଯାଉଛି। ସର୍ଚ୍ଚରେ ଉପଭୋକ୍ତାମାନଙ୍କୁ ଜେନେରେଟିଭ୍ ଏଆଇ ଅଭିଜ୍ଞତା ପ୍ରଦାନ କରିବାକୁ ଗୁଗୁଲ୍ ଯୋଜନା କରୁଛି।

ଗୁଗୁଲ ଏହାର ୱେବ୍ ସେବା ଏବଂ ବିଜ୍ଞାପନ ମାଧ୍ୟମରେ ରାଜସ୍ୱ ଆୟ କରିଥାଏ। ମାଗଣାରେ କିଛି ଖୋଜିବାକୁ ଗୁଗୁଲ ବ୍ୟବହାରକାରୀଙ୍କୁ ବିକଳ୍ପ ଦେଇଥାଏ। ଉପଭୋକ୍ତାମାନେ ଗୁଗୁଲରେ ମାଗଣାରେ କିଛି ବି ସର୍ଚ୍ଚ କରିଥାନ୍ତି। ଏକ ରିପୋର୍ଟ ଅନୁଯାୟୀ, କମ୍ପାନୀ ବର୍ତ୍ତମାନ ଏହି ଗୁଗୁଲ୍ ସର୍ଚ୍ଚରୁ ମଧ୍ୟ ରାଜସ୍ୱ ଆୟ କରିବାକୁ ଚିନ୍ତା କରୁଛି। ଏକ ରିପୋର୍ଟ ଅନୁଯାୟୀ, ଆଗାମୀ ସମୟରେ ଉପଭୋକ୍ତାମାନେ ଗୁଗୁଲ୍ ସର୍ଚ୍ଚରେ ଏଆଇ ଫିଚର ପାଇବେ, ଯେଉଁଥିପାଇଁ ସେମାନଙ୍କୁ ଟଙ୍କା ଖର୍ଚ୍ଚ କରିବାକୁ ପଡିପାରେ। ଗୁଗୁଲର ଏହି ଜେନେରେଟିଭ୍ ଏଆଇ ସର୍ଚ୍ଚ ଫିଚର କମ୍ପାନୀର ଗୁଗୁଲ୍ ୱାନ୍ ସବ୍‌ସ୍କ୍ରିପସନ୍ ଯୋଜନାରେ ଯୋଡି ହୋଇପାରିବ। ତଥାପି, ଏଆଇ ବିନା ଗୁଗୁଲରେ କିଛି ସର୍ଚ୍ଚ କରିବା ପୂର୍ବ ପରି ମୁକ୍ତ ରହିବ। ଗୁଗୁଲର ଏହି ପେମେଣ୍ଟ ସେବା ପାଇଁ ମଧ୍ୟ ଉପଭୋକ୍ତାମାନେ ବିଜ୍ଞାପନମୁକ୍ତ ଅଭିଜ୍ଞତା ପାଇବେନାହିଁ, ଅର୍ଥାତ୍ ଯଦି ଉପଭୋକ୍ତାମାନେ ଏଆଇ ଫିଚର ମାଧ୍ୟମରେ କିଛି ସର୍ଚ୍ଚ କରନ୍ତି, ସେମାନେ ସାଧାରଣ ବ୍ୟବହାରକାରୀଙ୍କ ପରି ବିଜ୍ଞାପନ ମଧ୍ୟ ଦେଖିବେ। ଗୁଗୁଲର ଏହି ଜେନେରେଟିଭ୍ ଏଆଇ ଫିଚର କମ୍ପାନୀର ନୂତନ ବ୍ୟବସାୟ ମଡେଲର ଏକ ଅଂଶ ହୋଇପାରେ ବୋଲି କୁହାଯାଉଛି। ଗୁଗୁଲ ଏହାର ବିଭିନ୍ନ ପ୍ଲାଟଫର୍ମରେ ବିଜ୍ଞାପନ ମାଧ୍ୟମରେ ରାଜସ୍ୱ ଅର୍ଜନ କରେ।




## କ୍ରିସିଲ୍ ରିପୋର୍ଟ

# ମାର୍ଚ୍ଚରେ ନନ୍‌ଭେଜ୍‌ଠାରୁ ଭେଜ୍ ଥାଳି ମହଙ୍ଗା

ନୂଆଦିଲ୍ଲୀ,୪।୪(ଏଜେନ୍ସି)

ଦେଶରେ ରେ ଖାଇବା ଥାଳି ଦିନକୁ ଦିନ ମହଙ୍ଗା ହେବାରେ ଲାଗିଛି। ରେଟିଂ ଏଜେନ୍ସି କ୍ରିସିଲ୍ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଘରେ ପ୍ରସ୍ତୁତ ହେଉଥିବା ସମସ୍ତ ନିରାମିଷ ଥାଳି ମୂଲ୍ୟ ଗତ ମାର୍ଚ୍ଚ ମାସରେ ୭ ପ୍ରତିଶତ ବୃଦ୍ଧି ପାଇ ୨୭.୩ ଟଙ୍କା ହୋଇଛି। ଗତବର୍ଷ ସମାନ ଅବଧିରେ ଅର୍ଥାତ୍ ୨୦୨୩ ମାର୍ଚ୍ଚରେ ଏହି ଥାଳିର ମୂଲ୍ୟ ୨୫ ଟଙ୍କା ୫୦ ପଇସା ରହିଥିଲା। ତେବେ ଖାଇବା ଥାଳିର ବଢୁଥିବା ମୂଲ୍ୟର ପ୍ରଭାବ ନନ୍‌ଭେଜ୍ (ମାଂସାହାରୀ)ଙ୍କ ଅପେକ୍ଷା ନିରାମିଷ ଖାଉଥିବା ଲୋକଙ୍କ ଉପରେ ଅଧିକ ପଡୁଛି। ୨୦୨୩ ମାର୍ଚ୍ଚରେ ଆମିଷ ଥାଳିର ମୂଲ୍ୟ ୫୯ ଟଙ୍କା ୨୦ ପଇସା ରହିଥିଲା, ଯାହା ଚଳିତ ବର୍ଷ ମାର୍ଚ୍ଚରେ ହ୍ରାସ ଘଟି ୫୪.୯ ଟଙ୍କା ହୋଇଛି।

କ୍ରିସିଲ ଏହାର ରିପୋର୍ଟ ପ୍ରସ୍ତୁତ କରିବା ସମୟରେ ନିରାମିଷ ଥାଳିରେ ରୁଟି, ପିଆଜ, ଟମାଟୋ, ଚାଉଳ, ଆଳୁ, ଡାଲି, ଦହି ଏବଂ ସାଲାଡ ଭଳି ବ୍ୟଞ୍ଜନକୁ ସାମିଲ କରିଛି। ଏହାର ଅର୍ଥ ଏହା ଯେ ଏହି ସବୁକୁ ମିଶାଇ ଯେଉଁ ନିରାମିଷ ଥାଳି ହେଉଛି, ତାରା ମୂଲ୍ୟ ଗତ ମାର୍ଚ୍ଚ ମାସରେ ୨୭ ଟଙ୍କା ୩୦ ପଇସା ରହିଥିଲା। ଆମିଷ ଥାଳିରେ ମଧ୍ୟ ଏହି ସବୁ ବ୍ୟଞ୍ଜନକୁ ସାମିଲ କରାଯାଇଥିଲା। ତେବେ ଆମିଷ ଥାଳିରେ ଅତିରିକ୍ତ ଆଇଟମ୍ ରୂପେ ଚିକେନ୍‌କୁ ସାମିଲ କରାଯାଇଥିଲା, ଯେଉଁଥିପାଇଁ ଏହାର ମୂଲ୍ୟ ମଧ୍ୟ ବଢି ୫୪.୯ ଟଙ୍କା ହୋଇଛି। ଘରେ ତିଆରି କରାଯାଉଥିବା ଥାଳିର ହାରାହାରି ଖର୍ଚ୍ଚର ମୂଲ୍ୟାଙ୍କନ ଭାରତ ସବୁ ଭାଗ ଉତ୍ତର, ଦକ୍ଷିଣ, ପଶ୍ଚିମ ଏବଂ ପୂର୍ବ ଭାରତର ତଥ୍ୟ ଆଧାରରେ କରାଯାଇଛି। କ୍ରିସିଲ୍‌ର ରୁଟି ଚାଉଳ ମୂଲ୍ୟ ରିପୋର୍ଟ ଅନୁସାରେ ପିଆଜ, ଟମାଟୋ ଏବଂ ଆଳୁର ମୂଲ୍ୟ ବାର୍ଷିକ ଆଧାରରେ ଯଥାକ୍ରମେ- ୪୦ ପ୍ରତିଶତ, ୩୬ ପ୍ରତିଶତ, ୨୨ ପ୍ରତିଶତ ବଢିବା କାରଣରୁ ମହଙ୍ଗା ହୋଇଛି।

ଅପରପକ୍ଷେ ଫେବ୍ରୁଆରୀ ତୁଳନାରେ ମାର୍ଚ୍ଚ ମାସରେ ବ୍ରଏଲର କୁକୁଡାର ମୂଲ୍ୟ ୫ ପ୍ରତିଶତ ବୃଦ୍ଧି ହେବା କାରଣରୁ ମାର୍ଚ୍ଚରେ ଆମିଷ ଥାଳି ମୂଲ୍ୟ ୨ ପ୍ରତିଶତମହଙ୍ଗା ହୋଇଛି। ତେବେ ବଜାରକୁ ନୂଆ ଫସଲ ଆସିବା ପରେ ଗହମ ମୂଲ୍ୟରେ ହ୍ରାସ ଘଟିବ ଏବଂ ଟମାଟୋର ମୂଲ୍ୟ ମଧ୍ୟ କମିବ। ତେବେ ପିଆଜ ମୂଲ୍ୟରେ ନିକଟରେ ହ୍ରାସ ସମ୍ଭାବନା କମ୍। କାରଣ ଏଥର ରବି ଫସଲ ୨୦ ପ୍ରତିଶତ କମ୍ ଆମଦାନୀ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବ ସ୍ୱରୂପ ଆଗାମୀ ଦିନରେ ସମସ୍ତ ଖାଇବା ଥାଳିର ମୂଲ୍ୟ ବଢିବାର ଆଶଙ୍କା କରାଯାଉଛି।

**ଶାକାହାରୀ ଥାଳି ଦର ୭% ବଢ଼ିଲା**

**ଆମିଷ ଥାଳି ମୂଲ୍ୟ ୭% କମିଲା**



# ରିଅଲ୍‌ମି ୧୨ଏକ୍ସ ୫ଜି ଉନ୍ମୋଚିତ

**ଭୁବନେଶ୍ୱର,୪।୪(ସମିସ):** ଭାରତର ସବୁଠାରୁ ବିଶ୍ୱସନୀୟ ସ୍ମାର୍ଟଫୋନ୍ ସେବା ପ୍ରଦାତା ରିଅଲ୍‌ମି ପକ୍ଷରୁ ରିଅଲ୍‌ମି ୧୨ଏକ୍ସ ୫ଜିର ଉନ୍ମୋଚନ ଘୋଷଣା କରାଯାଇଛି। ଏଣ୍ଟ୍ରି ଲେଭଲ ୫ଜି କିଲର ଭାବେ ଅବସ୍ଥାପିତ ରିଅଲ୍‌ମି ୧୨ଏକ୍ସ ୫ଜି ଉପଭୋକ୍ତାଙ୍କୁ ଏକ ଅତୁଳନୀୟ ଅନୁଭୂତି ପ୍ରଦାନ କରୁଛି। ଏହା ୪୫ୱାଟ ସୁପରଭିଓଓସି ଚାର୍ଜ ଓ ଏକ ବିଶାଳ ୫୦୦୦ ଏମ୍‌ଏଏଚ୍ ବ୍ୟାଟେରି ଥିବା ନିଜ ସେଗ୍‌ମେଣ୍ଟରେ ରତର ପ୍ରଥମ ସ୍ମାର୍ଟଫୋନ୍। ରିଅଲ୍ମି ୧୨ଏକ୍ସ ୫ଜି ମିଡିଆଟେକ୍ ଇମେନ୍ସିଟି ୬୧୦୦+ ଚିପ୍‌ସେଟ୍ ଦ୍ୱାରା ପରିଚାଳିତ। ଏହା ଏକ ୫୦ଏମ୍ପି ଏଆଇ କ୍ୟାମେରା ସହ ବହୁମୁଖୀ କ୍ୟାମେରା ସେଟ୍‌ଅପ, ଏକ ୨ଏମ୍‌ପି ସେକେଣ୍ଡାରୀ କ୍ୟାମେରା ଓ ଏକ ୮ଏମ୍‌ପି ସେଲ୍ଫି କ୍ୟାମେରା ପ୍ରଦାନ କରୁଛି। ଅନ୍ୟାନ୍ୟ ଫ୍ଲାଗ୍‌ଶିପ-ଲେଭେଲ ଅନୁଭୂତିଗୁଡିକ ମଧ୍ୟରେ ଆଇପି୫୪ ଡଷ୍ଟ ଓ ୱାଟର ରେଜିଷ୍ଟାନ୍ସ, ଡୁଆଲ ଷ୍ଟେରିଓ ସ୍ପିକର, ୧୨୮ ଜିବିର ବୃହତ୍ ଷ୍ଟୋରେଜ କ୍ଷମତା ସହିତ ୮ଜିବି+୮ଜିବି ପର୍ଯ୍ୟନ୍ତ ଡାଇନାମିକ୍ ରାମ୍ ସାମିଲ ରହିଛି। ରିଅଲ୍ମି ୧୨ ଏକ୍ସ ୫ଜି ୩ଟି ଷ୍ଟୋରେଜ ଭାରିଆଣ୍ଟ ଯେପରିକି ୧୧,୯୯୯ ଟଙ୍କାରେ ୪ଜିବି+୧୨୮ ଜିବି, ୧୩୪୯୯ ଟଙ୍କାରେ ୬ଜିବି+୧୨୮ ଜିବି ଏବଂ ୧୪୯୯୯ ଟଙ୍କାରେ ୮ ଜିବି+୧୨୮ ଜିବିରେ ଆସୁଛି।



# ରକେଟ୍ ଭଳି ବଢୁଛି ସୁନା, ରୁପା ଦର

ନୂଆଦିଲ୍ଲୀ,୪।୪(ଏଜେନ୍ସି)

ସମ୍ପ୍ରତି ଘରୋଇ ବଜାରରେ ସୁନା ଦରରେ ବୃଦ୍ଧି ଧାରା ଜାରି ରହିଛି। ନୂଆଦିଲ୍ଲୀରେ ଆଜି ଏହା ୭୦,୦୦୦ ଟଙ୍କା ସ୍ତର ଅତିକ୍ରମ କରିଛି। ହେଲେ ରାଜଧାନୀ ଭୁବନେଶ୍ୱରରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦରରେ ୭୬୦ ଟଙ୍କା ବୃଦ୍ଧି ଘଟିଛି। ଫଳରେ ଏହା ୬୯,୮୭୦ ଟଙ୍କାରେ ପହଞ୍ଚିଛି। ସେହିଭଳି ୧୦ ଗ୍ରାମ ପିଛା ୨୨ କ୍ୟାରେଟ୍ ସୁନା ମୂଲ୍ୟରେ ଆଜି ୫୦୦ ଟଙ୍କା ବୃଦ୍ଧି ଘଟି୬୪,୪୦୦ ଟଙ୍କା ହୋଇଛି। ଆଜି ଭୁବନେଶ୍ୱରରେ ବଜାରରେ କିଲୋଗ୍ରାମ ପିଛା ରୁପା ମୂଲ୍ୟ ୨୦୦୦ ଟଙ୍କା ମହଙ୍ଗା ହୋଇ ୮୩,୦୦୦ ଟଙ୍କାରେ ପହଞ୍ଚିଛି। ଚଳିତବର୍ଷ ସୁନା ଦର ୭୫,୦୦୦ ଟଙ୍କା ଛୁଇଁବା ନେଇ ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି।

**ସୁନା ୬ ମାସରେ ୧୧ ହଜାର ମହଙ୍ଗା**

**ଭୁବନେଶ୍ୱରରେ ରୁପା ୮୩ ହଜାର ଛୁଇଁଲା**



ବର୍ଦ୍ଧିତ ଚାହିଦା ଏବଂ ଭୁ-ରାଜନୈତିକ ଅନିଶ୍ଚିତତା ମଧ୍ୟରେ ଦର ରକେଟ୍ ବେଗରେ ବଢ଼ିଚାଲିଛି। ସ୍ଥିତି ଏଭଳି ହୋଇଛି ଯେ, ବିଗତ ୬ ମାସ ମଧ୍ୟରେ ଘରୋଇ ବଜାରରେ ସୁନା ଦର ୧୧,୦୦୦ ଟଙ୍କା ମହଙ୍ଗା ହୋଇଯାଇଛି। ସୂଚନାଥାଉକି, ଭୁ-ରାଜନୈତିକ ସମସ୍ୟା ତେଜିଲେ ଇକ୍ୱିଟି ବଜାରରେ ଅସ୍ଥିରତା ଦେଖାଦିଏ। ଏଭଳି ପରିସ୍ଥିତିରେ ଲୋକେ ସୁନାରେ ନିବେଶ କରିବାକୁ ସୁରକ୍ଷିତ ମଣିଥାନ୍ତି, ଫଳରେ ଏହା ଦର ବଢ଼ାଇଥାଏ। କମୋଡିଟି ବଜାର ବିଶେଷଜ୍ଞମାନଙ୍କ କହିବାନୁସାରେ, ୨୦୨୪-୨୫ ଆର୍ଥିକବର୍ଷ ସୁନା ଦରରେ ବୃଦ୍ଧି ଧାରା ଜାରି ରହିବ। ଏହାର ଏକ ପ୍ରମୁଖ କାରଣ ହେଉଛି ଆମେରିକା ଫେଡେରାଲ ରିଜର୍ଭର ମୁଦ୍ରାନୀତି ପଦକ୍ଷେପ। ଫେଡେରାଲ ରିଜର୍ଭ ଇତିମଧ୍ୟରେ ସଙ୍କେତ ଦେଇଛି ଯେ, ଏହା ୨୦୨୪ରେ ପ୍ରମୁଖ ସୁଧ ହାରରେ ୩ଟି ହ୍ରାସ କରିପାରେ। ୨୦୨୪- ୨୫ ଆର୍ଥିକବର୍ଷର ପ୍ରଥମ ୩ଟି ତ୍ରୈମାସରେ ଏହି ହ୍ରାସ କରାଯାଇପାରେ। ଫେଡେରାଲ ରିଜର୍ଭର ଏହି ବିବୃତି ସୁନାକୁ ଅଧିକ ମଜଭୁତ କରୁଛି। ସୁନା ଦର ବଢ଼ିବାର ଆହୁରି ଅନେକ କାରଣ ରହିଛି।

# ର୍ୟୁତୋ ସିମିଜୁ ହୋଣ୍ଡା କାର୍‌ସର ବିପଣନ ଓ ବିକ୍ରି ନିର୍ଦ୍ଦେଶକ

**ଭୁବନେଶ୍ୱର,୪।୪(ଏଜେନ୍ସି):** ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ୍(ଏଚ୍‌ସିଆଇଏଲ୍) ର୍ୟୁତୋ ସିମିଜୁଙ୍କୁ ଏହାର ବିପଣନ ଓ ବିକ୍ରି ବିଭଗାର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦେଇଛି। ଚଳିତବର୍ଷ ପହିଲାଠାରୁ ଶ୍ରୀ ସିମିଜୁ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଇୟୁଚି ମୁରାଟାଙ୍କ ସ୍ଥାନରେ ଏହି ନିଯୁକ୍ତି ପାଇଛନ୍ତି। ଶ୍ରୀ ମୁରାଟା ହୋଣ୍ଡା ମେକ୍ସିକୋର ସଭାପତି ଭାବେ ନିଯୁକ୍ତି ପାଇଛନ୍ତି। ସିମିଜୁ ଦୀର୍ଘ ୨୫ ବର୍ଷ ହେବ ହୋଣ୍ଡା ସହ ଜଡିତ। ତାଙ୍କର ଏହି ଦୀର୍ଘ ଦିନର କ୍ୟାରିଅର ମଧ୍ୟରେ ସେ ଜାପାନ, ଚୀନ୍ ଏବଂ ଥାଇଲ୍ୟାଣ୍ଡ ଭଳି ଅନ୍ତର୍ଜାତୀୟ ବଜାରରେ କାର୍ଯ୍ୟ କରିଛନ୍ତି। ବିଭିନ୍ନ ବଜାରରେ ସେ ବିପଣନ ଓ ବିକ୍ରି କ୍ଷେତ୍ରରେ ଉତ୍ପାଦ ଯୋଜନା, ବିଦେଶ ପରିଚାଳନା ଏବଂ ବ୍ୟବସାୟିକ ଯୋଜନା ଆଦି କ୍ଷେତ୍ରରେ କାର୍ଯ୍ୟ କରିଛନ୍ତି।




# ଏଚ୍‌ଆଣ୍ଡଏମ୍‌ର ନୂଆ ସ୍ପ୍ରିଙ୍ଗ୍ ୨୦୨୪ କଲେକ୍ସନ

**ଭୁବନେଶ୍ୱର,୪।୪(ସମିସ):** ସ୍ପ୍ରିଙ୍ଗ ୨୦୨୪ ପାଇଁ ସୂକ୍ଷ୍ମ ପରିଧାନ ଓ ଆରାମଦାୟକତା ସହିତ ନିଜର ନୂଆ କଲେକ୍ସନ ନେଇଆସିଛି ଏଚ୍‌ଆଣ୍ଡଏମ୍। ଏହି କଲେକ୍ସନରେ ସ୍କଲ୍ପଚରାଲ ଭଲ୍ୟୁମ ଓ ରିଫାଇନ୍ଡ ସୁଟ୍ସର ଶୃଙ୍ଖଳା, ବିଳାସପୂର୍ଣ୍ଣ ଶାର୍ଟ ଓ ଶାର୍ଟ ଡ୍ରେସ୍‌ଗୁଡିକ ସାମିଲ ରହିଛି। ୱର୍କୱେୟାର-ଅନୁପ୍ରାଣିତ ପୋଷାକଗୁଡ଼ିକ ଏକ ୟୁଟିଲିଟାରିଆନ ଏଜ୍ ପ୍ରଦାନ କରୁଥିବାବେଳେ ଏମ୍ବ୍ରୟଡର୍ଡ ଡିଟେଲ, ପ୍ଲିଟ୍ ଓ ଟେକ୍ସଚର ଏକ ସୂକ୍ଷ୍ମ ସ୍ପର୍ଶକୁ ପ୍ରଦର୍ଶିତ କରୁଛନ୍ତି। ଏହି କଲେକ୍ସନକୁ ମାର୍ଚ୍ଚ ୨୧ ତାରିଖରେ ଶୁଭାରମ୍ଭ କରାଯିବ ଏବଂ ଏହା ବିଶ୍ୱବ୍ୟାପୀ ନିର୍ଦ୍ଦିଷ୍ଟ ଷ୍ଟୋର୍ ଓ ଅନ୍ଲାଇନରେ ଷଞ୍ଜ.ମକ୍ଟଞ୍ଜ ରେ ଉପଲବ୍ଧ ହେବ। ସ୍ପ୍ରିଙ୍ଗ ୨୦୨୪ର ୱମେନୱେୟାର କଲେକ୍ସନରେ ସ୍ୱତନ୍ତ୍ର ଭାବେ ନିର୍ମିତ ସର୍ବୋତ୍କୃଷ୍ଟ ସୁଟିଂର କେବଳ ବ୍ଲେଜର ଓ ଟ୍ରାଉଜର ନୁହେଁ ବରଂ ୱେଷ୍ଟକୋଟ୍ ଓ ହଟ୍ ପ୍ୟାଣ୍ଟ ମଧ୍ୟ ସାମିଲ ରହିଛି।

# ରଣବୀର କପୁର ନୀଲକମଲ୍ ସ୍ଲିପ୍‌ର ବ୍ରାଣ୍ଡ ଆମ୍ବାସାଡର

**ଭୁବନେଶ୍ୱର, ୪।୪(ସମିସ):** ବଲିଉଡ୍ ଅଭିନେତା ରଣବୀର କପୁରଙ୍କୁ ଏହାର ବ୍ରାଣ୍ଡ ଆମ୍ବାସାଡର ଭାବେ ଘୋଷଣା କରିଛି ନୀଲକମଲ୍ ସ୍ଲିପ୍। ଏହି ସହଭାଗିତା ଏକ ରୋମାଞ୍ଚକର ଯାତ୍ରାର ଶୁଭାରମ୍ଭ କରୁଛି, ଯେଉଁଠାରେ ବ୍ରାଣ୍ଡ ଅଭିନେତାଙ୍କ ସହ ମିଶି ମ୍ୟାଟ୍ରେସ୍ ଶିଳ୍ପରେ ବିପ୍ଳବ ଆଣିଛନ୍ତି ଏବଂ ଆପଣଙ୍କ ପାଇଁ ଉନ୍ନତ ଭାବରେ ଡିଜାଇନର ବ୍ରାଣ୍ଡ ଦର୍ଶନକୁ ନେଇ ଆସିଛି। ଦୀର୍ଘ ୩୦ ବର୍ଷର ସମୃଦ୍ଧ ପରମ୍ପରା ସହ ନୀଲକମଲ୍ ଭାରତର ଅନ୍ୟତମ ଅଗ୍ରଣୀ ଫର୍ଣ୍ଣିଚର କମ୍ପାନି ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି। ରଣବୀର କପୁରଙ୍କ ସହ ଏହି ସମ୍ପର୍କ ଗ୍ରାହକମାନଙ୍କ ପାଇଁ, ବିଶେଷକରି ନୂତନ ଯୁଗର ଦର୍ଶକଙ୍କ ପାଇଁ ଏକ ସୁଚିନ୍ତିତ ଭାବରେ ଡିଜାଇନ୍ କରାଯାଇଥିବା ନିଦ୍ରା ସମାଧାନ ଭାବରେ ନୀଲକମଲ ସ୍ଲିପ୍‌କୁ ଉନ୍ନତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଭାରତର ଅନ୍ୟତମ ପ୍ରିୟ ଏବଂ ବହୁମୁଖୀ ଅଭିନେତା ଭାବରେ ତାଙ୍କର ବ୍ୟକ୍ତିତ୍ୱ, ଏହା ସହିତ ଉତ୍ପାଦର ବୈଶିଷ୍ଟ୍ୟ ଏବଂ ଇନୋଭେସନ ମାଧ୍ୟମରେ ବ୍ୟକ୍ତିବିଶେଷଙ୍କ ଭିନ୍ନ ନିଦ୍ରା ଆବଶ୍ୟକତାକୁ ପୂରଣ କରିବାର ବ୍ରାଣ୍ଡର ଯାତ୍ରା ସହିତ ଭଲ ଭାବରେ ଯୋଡ଼ି ହୋଇଛି।




# ମହିନ୍ଦ୍ରା 'ଏକ୍ସୟୁଭି ୩ଏକ୍ସଓ' ଉନ୍ମୋଚିତ

**ଭୁବନେଶ୍ୱର,୪।୪(ଏଜେନ୍ସି):** ଏସ୍‌ୟୁଭି ନିର୍ମାତା ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ଏସ୍‌ୟୁଭି 'ଏକ୍ସୟୁଭି ୩ଏକ୍ସଓ'ର ଉନ୍ମୋଚନ କରିଛି। ଚଳିତମାସ ୨୯ରେ ଏହାର ବିଶ୍ୱ ବଜାର ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ, ଯେତେବେଳେ କି ଏହି ମଡେଲ ଏହାର ବର୍ଗରେ ଏକ ନୂଆ ରେକର୍ଡ ସ୍ଥାପନ କରିବ। 'ଏକ୍ସୟୁଭି ୩ଏକ୍ସଓ'ରେ ଥ୍ରୀଲିଂ ପରଫରମାନ୍ସର ଏକ ଫ୍ୟୁଜନ୍ , କଟିଂ ଏଜ୍ ଟେକ୍ନୋଲୋଜି ଏବଂ ଡିଜାଇନ୍ ଓ ଅତୁଳନୀୟ ସୁରାକ୍ଷା ବ୍ୟବସ୍ଥା ଭଳି ପ୍ରତିଶ୍ରୁତିବଦ୍ଧତା ରହିଛି। ଅତ୍ୟାଧୁନିକ ସହରୀ ଗ୍ରାହକଙ୍କ ଇଚ୍ଛା ପୂରଣ କରିବା ପାଇଁ 'ଏକ୍ସୟୁଭି ୩ଏକ୍ସଓ'ର ନିର୍ମାଣ କରାଯାଇଛି। ମହାରାଷ୍ଟ୍ରର ନାସିକ୍‌ଠାରେ ଥିବା କମ୍ପାନୀର ଉତ୍ପାଦନ କାରଖାନାରେ 'ଏକ୍ସୟୁଭି ୩ଏକ୍ସଓ'ର ନିର୍ମାଣ କରାଯାଇଛି।




## ପୁଞ୍ଜିବଜାର ଟ୍ରେଣ୍ଡ

# ନିର୍ବାଚନ ପରେ ଉପରମୁହାଁ ହୁଏ ସେୟାର ବଜାର

ନୂଆଦିଲ୍ଲୀ,୪।୪(ଏଜେନ୍ସି)

ଦେଶରେ ସାଧାରଣ ନିର୍ବାଚନର ବିଗୁଲ୍ ବାଜିସାରିଲାଣି। ତେବେ ଏହି ନିର୍ବାଚନର ଘରୋଇ ସେୟାର ବଜାର ଉପରେ କି ପ୍ରଭାବ ରହିବ ତାହା ଉପରେ ଏବେ ନିବେଶକଙ୍କ ନଜର। ଜୁନ୍ ୪ ରେ ଲୋକସଭା ନିର୍ବାଚନର ଫଳାଫଳ ପ୍ରକାଶ ପାଇବା ପରେ ଏହାର ଚିତ୍ର ସ୍ପଷ୍ଟ ହୋଇଯିବ। ଯଦି ଆମେ ତଥ୍ୟକୁ ଦେଖିବା, ସାଧାରଣତଃ ଲୋକସଭା ନିର୍ବାଚନ ପରେ ଘରୋଇ ଷ୍ଟକ୍ ବଜାରରେ ଉତ୍ସାହ ଦେଖିବାକୁ ମିଳିଥାଏ। ହେଲେ ଏମିତି ବି ଘଟିଛି ଯେତେବେଳେ କି ସାଧାରଣ ନିର୍ବାଚନ ଫଳାଫଳ ପୂର୍ବରୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସେନସେକ୍ସ ଏବଂ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ନିଫ୍ଟି)ରେ ବୃହତ୍ ହ୍ରାସ ଘଟିଥିଲା। ୨୦୦୪ରେ ନିର୍ବାଚନ ଫଳାଫଳ ପୂର୍ବରୁ ସେନ୍‌ସେକ୍ସ ଏବଂ ନିଫ୍ଟି ତଳକୁ ଖସି ନିବେଶକଙ୍କୁ ନକାରାତ୍ମକ ରିଟର୍ଣ୍ଣ ଦେଇଥିଲା।

୨୦୦୯, ୨୦୧୪ ଏବଂ ୨୦୧୯ ଲୋକସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପୂର୍ବରୁ ନିବେଶକ ବଜାର କାରବାରରୁ ବେଶ ଲାଭ କମାଇଥିଲେ। ୨୦୦୯ ନିର୍ବାଚନ ଫଳାଫଳ ପୂର୍ବରୁ ସେନ୍‌ସେକ୍ସରେ ୨୬% ଏବଂ ନିଫ୍ଟିରେ ୨୪% ବୃଦ୍ଧି ରେକର୍ଡ କରାଯାଇଥିଲା। ବ୍ରୋକରେଜ୍ ସଂସ୍ଥା ମୋତିଲାଲ ଓସୱାଲର ରିପୋର୍ଟ ଅନୁଯାୟୀ, ୧୯୯୯ରେ ନିଫ୍ଟି ନିର୍ବାଚନ ହେବାର ପୂର୍ବ ୬ ମାସରେ ୩୬.୩% ଏବଂ ୨୦୦୪ରେ ୬.୭% ବୃଦ୍ଧି ଘଟିଥିଲା। ୨୦୦୯ ରେ ନିର୍ବାଚନ ପୂର୍ବରୁ ୬ ମାସ ମଧ୍ୟରେ ୩୦.୬% ଏବଂ ୨୦୧୪ରେ ୧୭.୬% ବୃଦ୍ଧି ଘଟିଛି। ତେବେ ୨୦୧୯ ରେ ନିର୍ବାଚନ ହେବାର ପୂର୍ବ ୬ ମାସ ମଧ୍ୟରେ ନିଫ୍ଟି ୫୦ ୧୧.୫% ଅଭିବୃଦ୍ଧି ହାସଲ କରିଛି। ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ନିର୍ବାଚନ ବର୍ଷରେ ପୁଞ୍ଜି ବଜାର କାରବାରରେ ନିବେଶକ ବେଶ ଲାଭ କରିଥିଲେ। ୨୦୦୪ ରେ ନିର୍ବାଚନ ଫଳାଫଳ ଆସିବା ପରେ ବଜାରରେ ୨୦% ହ୍ରାସ ଘଟିଥିଲା, କିନ୍ତୁ ସକରାତ୍ମକ ରିଟର୍ଣ୍ଣ ସହିତ ବର୍ଷର କାରବାର ଶେଷ ହୋଇଥିଲା। ।ସେହିପରି ୨୦୦୯ରେ ନିର୍ବାଚନ ଫଳାଫଳ ଆସିବା ଠାରୁ ବର୍ଷ ଶେଷ ପର୍ଯ୍ୟନ୍ତ ସେନ୍‌ସେକ୍ସ ଏବଂ ନିଫ୍ଟି କାରବାରରେ ୪୦% ଉପରକୁ ଉଠିଥିଲେ। ତେବେ ୨୦୧୯ରେ ନିର୍ବାଚନ ପରେ ଭାରତୀୟ ଷ୍ଟକ୍ ବଜାରରେ ମାତ୍ର ୫% ବୃଦ୍ଧି ଘଟିଥିଲା। ହେଲେ ଫଳାଫଳ ଆସିବା ପରେ ୬ ମାସ ମଧ୍ୟରେ ନିଫ୍ଟି ଉପରକୁ ଉଠିଥିଲା। ୧୯୯୯ ରେ ନିର୍ବାଚନ ଫଳାଫଳ ଆସିବାର ୬ ମାସରେ ନିଫ୍ଟିରେ ୫.୪% ଏବଂ ୨୦୦୪ରେ ୯.୩% ବୃଦ୍ଧି ଘଟିଥିଲା। ଅପରପକ୍ଷେ ୨୦୦୯ ରେ ଫଳାଫଳ ଆସିବାର ୬ ମାସରେ ନିଫ୍ଟି ୩୭.୮% ଏବଂ ୨୦୧୪ ରେ ୧୭.୮% ବୃଦ୍ଧି ଘଟିଥିଲା। ୨୦୧୯ରେ, ନିଫ୍ଟି-୫୦ ନିର୍ବାଚନ ଫଳାଫଳ ଆସିବାର ୬ ମାସରେ ୧.୫% ଅଭିବୃଦ୍ଧି ହାସଲ କରିଥିଲା।




**୨୦୦୯ ,୨୦୧୪,୨୦୧୯ରେ ଫଳାଫଳ ଆସିବା ପୂର୍ବଦିନ ସେନ୍‌ସେକ୍ସ ଉଠିଥିଲା**

**ପୂର୍ବରୁ ବ୍ୟାଙ୍କିଙ୍ଗ୍, ଆଇଟି, ଉପଭୋକ୍ତା ଦୀର୍ଘସ୍ଥାୟୀ କ୍ଷେତ୍ରରୁ ମିଳିଛି ଭଲ ରିଟର୍ଣ୍ଣ**

**ଏଥର ଶକ୍ତି, ଭିତ୍ତିଭୂମି ଓ ସବୁଜ ଶକ୍ତି କ୍ଷେତ୍ରର ଷ୍ଟକ୍ ଉଠିବ**

# ମାର୍ଚ୍ଚରେ ଓଲା ଇଲେକ୍‌ଟ୍ରିକ୍‌ର ୫୩,୦୦୦ ୟୁନିଟ୍ ପଞ୍ଜୀକରଣ ରେକର୍ଡ

**ଭୁବନେଶ୍ୱର,୪।୪(ସମିସ):** ଓଲା ଇଲେକ୍ଟ୍ରିକ ପକ୍ଷରୁ (ବାହାନ ପୋର୍ଟାଲ ଅନୁଯାୟୀ) ମାର୍ଚ୍ଚ ମାସରେ ଏହାର ସର୍ବାଧିକ ୫୩,୦୦୦ ୟୁନିଟର ପଞ୍ଜିକରଣ ରେକର୍ଡ କରିଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଯାହାକି କ୍ରମାଗତ ଭାବେ ୫ମ ମାସ ପାଇଁ ପୁଣିଥରେ ସର୍ବାଧିକ ମାସିକ ଭଲ୍ୟୁମର ରେକର୍ଡ ଅଟେ। ଆର୍ଥିକ ବର୍ଷ ୨୦୨୩ ତୁଳନାରେ ଆର୍ଥିକବର୍ଷ ୨୦୨୪ରେ କମ୍ପାନୀ ୧୧୫ % ଅଭିବୃଦ୍ଧି ହାସଲ କରିବା ସହ ଆର୍ଥିକ ବର୍ଷ ୨୩ରେ ୧,୫୨, ୭୪୧ ୟୁନିଟ ତୁଳନାରେ ବର୍ମାନ ୩୨୮,୭୮୫ ୟୁନିଟ ପଞ୍ଜିକରଣ କରିଛି। ଓଲା ଇଲେଟ୍ରିକ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ଅନସୁଲ ଖଣ୍ଡେଲୱାଲ କହିଛନ୍ତି ଯେ, ମାର୍ଚ୍ଚରେ ଆମ ପଞ୍ଜିକରଣ ୫୩,୦୦୦ ୟୁନିଟ ଅତିକ୍ରମ କରିଥିବାରୁ ୨୦୨୪ ଆର୍ଥିକ ବର୍ଷ ଭଳି ଶ୍ରେଷ୍ଠ ବର୍ଷ ସମାପ୍ତି ଆଉ କିଛି ମଧ୍ୟ ହୋଇପାରିନଥାନ୍ତା।



